# UTKARSA

# ଉତ୍କର୍ଷ




ଆମେରିକୀୟ ଓଡ଼ିଆ ସମାଜ

ସଂଖ୍ୟା – ୫୬ : ମାର୍ଚ୍ଚ ୨୦୧୬


VOLUME – 56 : MARCH-2016

ଆମେରିକୀୟ ଓଡ଼ିଆ ସମାଜ

# ଉତ୍କର୍ଷ

ଆମେରିକୀୟ ଓଡ଼ିଆ ସମାଜର ମୁଖପତ୍ର

ସଂଖ୍ୟା – ୫୬ ମାର୍ଚ୍ଚ – ୨୦୧୬




# UTKARSA

A NEWSLETTER OF ODISHA SOCIETY OF AMERICAS

VOLUME – 56 MARCH 2016

http://www.odishasociety.org/

# UTKARSA

A NEWSLETTER OF
ODISHA SOCIETY OF AMERICAS

VOLUME – 56 MARCH 2016

# ଉତ୍କର୍ଷ

ଆମେରିକା ଓଡ଼ିଆ ସମାଜର ମୁଖପତ୍ର

ସଂଖ୍ୟା – ୫୬ ମାର୍ଚ୍ଚ – ୨୦୧୬




**Sushant Satpathy**
President

ସୁଶାନ୍ତ ଶତପଥି
ସଭାପତି

**Sulochana Patnaik**
Vice-President

ସୁଲୋଚନା ପଟ୍ଟନାୟକ
ଉପ-ସଭାପତି

**Saradakant Panda**
Secretary

ଶାରଦାକାନ୍ତ ପଣ୍ଡା
ସମ୍ପାଦକ

**Siddharth Behera**
Treasurer

ସିଦ୍ଧାର୍ଥ ବେହେରା
କୋଷାଧ୍ୟକ୍ଷ

**Kanak Hota**
Editor
English Section

କନକ ହୋତା
ସମ୍ପାଦିକା
ଇଂରାଜୀ ବିଭାଗ

**Akash Pandey**
Editor
Youth Section

ଆକାଶ ପାଣ୍ଡେ
ସମ୍ପାଦକ
ଯୁବ ବିଭାଗ

**Prasanta Kumar Bhunya**
Editor
Odia Section
Design – Photography - Typeset

ପ୍ରଶାନ୍ତ କୁମାର ଭୂୟାଁ
ସମ୍ପାଦକ
ଓଡ଼ିଆ ବିଭାଗ
ଅଳଙ୍କରଣ – ଛାୟାଚିତ୍ର – ମୁଦ୍ରାକାର

# CONTENT | | ସୂଚୀପତ୍ର


| | | |
|---|---|---|
| Editorial | English | 004 |
| Editorial | Youth | 006 |
| ସମ୍ପାଦକୀୟ | ଓଡ଼ିଆ | ୦୦୭ |
| President's Message | | 019 |
| Vice-President's Message | | 021 |
| Secretary's Message | | 023 |
| Treasurer's Message | | 025 |
| Braja Das | | 027 |
| California | | 029 |
| Chicago | | 032 |
| New York & New Jersey | | 034 |
| Toronto | | 038 |
| ସଚ୍ଛି ରାଉତରାୟ | ଶ୍ରଦ୍ଧାଞ୍ଜଳି | ୦୪୧ |
| ସଚ୍ଛି ରାଉତରାୟ | ଉଇକିପେଡ଼ିଆ ସଙ୍କଳନ | ୦୪୨ |
| ଟରୋଣ୍ଟୋ - ସାହିତ୍ୟ ପାଠଚକ୍ର | | ୦୪୭ |
| ସରଗର ଗଳି | ବରୁଣ ପାଣି | ୦୫୨ |
| ହାତମୁଠା | ଭଗିରଥୀ ବେହେରା | ୦୫୩ |
| ଓଡ଼ିଶା ଭୂମିକୁ ନମେଃ / ଋତୁରାଜ ବସନ୍ତ ଆଇଲା | ବିଜ୍ଞାନୀ ଦାସ | ୦୫୪ |
| କୋଣାର୍କ | ଚିତ୍ତରଞ୍ଜନ ଦାଶ | ୦୫୫ |
| ମୃଗଶିଶୁ | ସତ୍ୟ ପଟ୍ଟନାୟକ | ୦୫୬ |
| ପ୍ରବନ୍ଧ ବିଭାଗ | | |
| ନିରୁତ୍ସାହିତ ଜୀବନ କାହିଁକି ? | ବାଲ୍ମୀକି ନାୟକ | ୦୫୭ |
| Remember Me | Ramakanta Das | 062 |
| Autobiography of a Joker | Dr. Sudhansu Dash | 063 |
| An Unbeaten Defeat | Dr. Sukanti Mohapatra | 064 |
| Boston Conventtion | | 065 |
| OSA NEWS | | 069 |



Dear friends,

we have dedicated the spring issue of Utkarsa towards celebrating the birth centenary of Jnanpith award winning Odia poet and storyteller Sachidananda Routray (1916-2004). The response was overwhelming. We received quite a number of creative and critical writings on the works of the celebrated poet. Thank you for your response!

Routray was a visionary. He defined a literary ear with a realistic depiction of the lives of the people in the village. Every great writer feels the pulse of his time and is sensitive to the impending threats to a culture from forces within and with out. Like Gunter Grass in *Tin Drums* (1959), Gabriel Garcia Marquez in *One Hunderd Years of Solitude* (1967) or Chinua Achebe in *Things Fall Apart* (1958) Routray has captured the rural ethos caught in the ambiguity of competing ideologies that blur the lines of right and wrong.

He was witness to the ruthless colonial era; his child hero Baji Rout the martyr, stands for the spirit of defiance to the oppressive colonial regime. Postcolonial India however was not a utopia of his dreams –a place where the most ordinary disenfranchised individual has his voice heard and wishes fulfilled. He is equally critical of the depravity in man and has searched for a just moral ground. He is alarmed by the village defaced by its petty quibbles and its irreverence to core values of love and fellow feeling. He could feel the unstoppable strides of the urban and its allure for the rural folks who thronged in big cities for livelihood. The hints of the ugly slums, migrant

laborers in makeshift sacks, the aging professional single woman transplanted in the city are inseparable part of the modern lore. He told their stories in prose and verse often direct and bereft of traditional embellishments. The span of his narrative pulsating with the clash of the rural and the modern closely resembles the tales of celebrated film maker Satyajeet Ray's Apu trilogy.

**Kanak Hota**

Editor

English Section

Chicago





Dear All,

I would like to thank the contributors and urge all readers to encourage their children and other young people to reflect and write about their experiences.

We stand on the shoulders of our elders to see, but we shouldn't forget that we are part of the view as well.

**Akash Pandey**

Editor

Youth Section



# ଆମେ ଓଡ଼ିଆ... ଆମ ଓଡ଼ିଶା...!!!



ସୁଧୀଜନେ;

୨୧ ଫେବୃଆରୀ ୨୦୧୪ର କଥା...ଓଡ଼ିଶାରେ ଥିବା ଜଣେ ବନ୍ଧୁ ଦୂରଭାଷରେ କହିଲେ...

"ପ୍ରଶାନ୍ତ ଭାଇ,

ଜାଣିଲେଣି କି ନାହିଁ; 'ଓଡ଼ିଆ' ଭାଷାକୁ 'କ୍ଲାସିକ୍ ଷ୍ଟାଟସ୍' ମିଳିଗଲା ।"

:କ'ଣ...!!!

ମୋ ଓଡ଼ିଆ ଭାଇ ବୋଧହୁଏ ଭାବିଲେ, ଦୂରଭାଷର କିଛି ଗୋଳମାଳ ହେତୁ ମୁଁ ବୋଧହୁଏ ଶୁଣି ପାରିଲି ନାହିଁ। ହେଲେ ସତ ଏହିକି ଯେ, ଓଡ଼ିଆ କଥାକୁ ମୁଁ ଇଂରାଜୀରେ ଶୁଣି ପାରେନାହିଁ। ଟିକିଏ ଅଡୁଆ ବୋଧହୁଏ ।

"କିହୋ,ଏଣ୍ଡୁରୀ ପିଠାକୁ କ'ଣ ଅଲ୍ ପର୍ପଜ୍ ଫ୍ଲୋର୍‌ରେ କଲେ ସୁଆଦିଆ ହେବ? ସେ କଥା ବୁଝୁନ! ଗଣ୍ଠି କଥା ସେଇଠି ଅଛି ପରା!"

ସେ ନିଜର ଉତ୍କଣ୍ଠିତ କଣ୍ଠକୁ ଆହୁରି ଟେକି ଦେଇ କହିଲେ;

:"ମୁଁ କଣ କହୁଥିଲି କି ଆମ 'ଓଡ଼ିଆ' ଭାଷାକୁ 'ଶାସ୍ତ୍ରୀୟ ମାନ୍ୟତା' ମିଳିଗଲା ଭାଇ ।"

ଆହାଃ...ଓହୋ...କେଡ଼େ ଉଶ୍ୱାସ ଲାଗିଲା ମୋ ଭାଇର ମୁହଁରୁ ଏଇ କେତେପଦ ଓଡ଼ିଆ କଥା ଶୁଣି ।

ଓଡ଼ିଶାବାସୀ ତଥା ଓଡ଼ିଆଭାଷୀ, ହେ ମୋ ଭାଇ ଓ ଭଉଣୀମାନେ!

ମୋ ମନ-ପ୍ରାଣ-ଆତ୍ମାରେ ସଦା ଓଡ଼ିଆ ଭାଷା ଶାସ୍ତ୍ରୀୟ । ଏଥିପାଇଁ ମୋତେ କାହାର ନାମାଙ୍କନ ମୋହରର ଆବଶ୍ୟକ ହୁଏନାହିଁ। ଆହେ! ମୁଁ ଏହା ଅଲବତ୍ କହିବି ଯେ, ମୋର ପୁଅଝିଅ, ମୋର ବୋଲି ପ୍ରମାଣ କରିବାକୁ ମୋତେ ମୋର ଗୁଣସୂତ୍ର ପରୀକ୍ଷଣ କରିବା ଆବଶ୍ୟକ ନାହିଁ ହୋ। ଜନମ ହେଲାଠୁଁ କେତେ କଣ ପଢ଼ି ଆସିଛି, ଜାଣି ଆସିଛି, ବୁଝି ଆସିଛି; ସବୁ ଓଡ଼ିଆରେ। ମନକୁ ଯଦି କ'ଣ ଛୁଇଁଛି ତେବେ; ତାହା ଓଡ଼ିଆ। ଇଂରାଜୀ, ଋଷି, ଜାପାନୀ, ଚୀନି,ପ୍ରଭୃତି ଭାଷାର ସାହିତ୍ୟ ପଢ଼ିସାରିଲା ପରେ, ମନର କେଉଁ କୋଣରେ "ଦେଖରେ ନଳିନି, ନଳିନୀ ନଳିନୀରେ ଶୋଭିତ"କୁ ଗୁଣୁଗୁଣୁ ହୋଇ ଭାବିଛି "ଜଗତେ କେବଳ"...!

ମୋର କଥାକୁ ଟିକେ ସଂକ୍ଷିପ୍ତ କରି କହେ;

**ଆମ ଭାଷା ଶାସ୍ତ୍ରୀୟ; ଏହା ସତ୍ୟ ହେଲେ ଏହାର ଅଧିଗମ ବିଶ୍ୱବାସୀଙ୍କୁ ଏବେ ହେଲା ।**

ଏଣୁ ବର୍ତ୍ତମାନ ଏହାକୁ ନେଇ ଫୁଲିଫାଟି ହେବା ଅପେକ୍ଷା; ଭାଇ ଓ ଭଉଣୀମାନେ ଆସନ୍ତୁ 'ଓଡ଼ିଆ' ଭାଷାକୁ 'ଓଡ଼ିଆ' ଆଉ କେବଳ 'ଓଡ଼ିଆ'ରେ ହିଁ ଲେଖିବା...! ଅନ୍ୟ ଭାଷାର ଅନାଦର କରନ୍ତୁ ନାହିଁ କିନ୍ତୁ ଆମ ମାତୃଭାଷାର ସମ୍ମାନ ରକ୍ଷା କରନ୍ତୁ ।

ମାତୃଭାଷା କେବଳ ପଢ଼ିବା ଅଥବା ଲେଖିବାର କଳା ନୁହଁ। ବରଂଚ ଏହା ପ୍ରତ୍ୟେକ ଧର୍ମ-ଜାତି-ରାଷ୍ଟ୍ରର ଚୈତନ୍ୟଗତ ପରିଚୟ। ଏହା ବିଶ୍ୱମାନବ ଚେତନାର ଏକ ଭାବମୟ ତରଙ୍ଗ। ଏହାର ଝଙ୍କାର ପ୍ରତ୍ୟେକ ସମାଜ ପାଇଁ ଅତୀବ ଅମୂଲ୍ୟ। ଏଣୁ ମାତୃଭାଷାର ସାହିତ୍ୟ ଜାଣିବା ଆଉ ବୁଝିବା ଅତି ପ୍ରାସଙ୍ଗିକ।

ଭାଷା ଶାସ୍ତ୍ରୀୟ ରହୁ ବା ନରହୁ, ହେଉ ବା ନହେଉ; ଏହାର କୌଣସି ମୂଲ୍ୟ ନାହିଁ ଯଦି ଏହାର ଆତ୍ମୀୟ ଠାରୁ ଆରମ୍ଭ କରି ବିଶ୍ୱହିତର ଉଦ୍ଦେଶ୍ୟ ନାହିଁ। ଏଣୁ ସମସ୍ତ ବ୍ୟକ୍ତି ଯେଉଁମାନେ ସାହିତ୍ୟ ସହ ଓତଃପ୍ରୋତ ଭାବେ ଜଡ଼ିତ; ସେମାନଙ୍କୁ ଏହାର ଅବରୋହ କରିବାକୁ ହିଁ ପଡ଼ିବ। ଭାଷା ହେଉ ଅବା ସାହିତ୍ୟ; ଏହା ଉଦର୍କର ଏକ ମାଧ୍ୟମ ନହେଉ। ସାହିତ୍ୟରେ ଥିବା ଦୁଇଟି ସରଳ ପଦ; 'ସହ' ଆଉ 'ହିତ' କୁ ବିବେଚନା କରାଯାଉ। ଯେ ଆମର ସହ ରହିଛି ଆଉ ଆମର ହିତରେ ରହିଛି ସେହିଁ ସାହିତ୍ୟ। ମୁଁ ଏୟା ବୁଝେ। ଏଥିରେ ମୋର ସ୍ୱକୀୟ ଦର୍ଶନ କିଛି ନାହିଁ। ମୁଁ ମୋ ମାତୃଭାଷାରେ ମୋ ସାହିତ୍ୟକୁ ପଢ଼ିଛି, ପଢୁଛି ଆଉ ପଢୁଥିବି ଜୀବଦ୍ଦଶାରେ ଥିବା ପର୍ଯ୍ୟନ୍ତ। ସେଇଥିରେ ହିଁ ମୋର ଦିବ୍ୟତୃପ୍ତି। ଏଣୁ ମୁଁ ସଦା ସମସ୍ତଙ୍କୁ ବୁଝାଇ କହେ...

'ଓଡ଼ିଶାବାସୀ' ଓ 'ଓଡ଼ିଆଭାଷୀ' ସୁଧୀ...ଜ୍ଞାନୀ...ଗୁଣୀ...ସାହିତ୍ୟପ୍ରେମୀ!

ଆସନ୍ତୁ

'ଓଡ଼ିଆ' ସାହିତ୍ୟ ଶୁଣିବା – ଜାଣିବା – ପଢ଼ିବା – ବୁଝିବା – ଲେଖିବା;

ଆମ 'ମାତୃଭାଷା' 'ଓଡ଼ିଆ' ଆଉ କେବଳ 'ଓଡ଼ିଆ' ରେ...!

ଏଇ ଓଡ଼ିଆପଣକୁ ନେଇ ଅନେକ ସ୍ଥାନରେ ଅପଦସ୍ତ ହୋଇଛି ଆଉ ସ୍ୱାଭିମାନରେ ବାଧା ମଧ୍ୟ ଆସିଛି। ହେଲେ ବି ସେଇ ଓଡ଼ିଆ ହିଁ ମୋର ମାନସମ୍ମାନର କବଚ ହୋଇ ରହିଛି। ଛାତି ଫୁଲାଇ ଏବେ ବି କହେ ମୁଁ ଓଡ଼ିଆ। ମୁଁ ବାଦକୁ ପିଲା ଜନମେଇବା କଥା କହୁନାହିଁମ! ବିବେକକୁ ଯେତେବେଳେ ବାଧେ ସେତେବେଳେ ଛାଏଁ ଛାଏଁ ଏ ଅଭିମାନ ସବୁ ଶବ୍ଦ ହୋଇ ବାହାରି ପଡ଼ନ୍ତି। ଏବେ ସରିକି ଶହେ ଦୁଇଶ ଥାନରେ ଅପଦସ୍ତ ହେଇଛି। ହେଉଛି ମଧ୍ୟ ଏବେ। କଥାଟି ହେଲା, ଯେତେବେଳେ ମୋତେ କେହି ପଚାରନ୍ତି ଯେ,

"ଆପଣ କେଉଁଠାର ନିବାସୀ ?"

ମୁଁ ଜଗି ରହିଥିଲି ଭଳି ଅତି ଉଚ୍ଛ୍ୱାସ ସହ କହିଉଠେ,

"ଓଡ଼ିଶା...ମୋର ଜନ୍ମଭୂମି...!"

ସେଇଟା ମୋ ଉତ୍ତରର ପ୍ରଥମ ସୋପାନ ଥାଏ।ହେଲେ ଓଡ଼ିଶାର ନାମ ଶୁଣି ସେମାନେ ଆବାକାବା ହୋଇ ମତେ ଟିକିଏ ଅନାନ୍ତି; ତାପରେ ବିଭିନ୍ନ ଅଭିନୟ ମୁଁ ଦେଖେ ମୋ ରାଜ୍ୟର ନାମ ଶୁଣି। ସବୁ ଧାଡ଼ିକି ଧାଡ଼ି ଲେଖିନିଏ। ଆପଣମାନେ ବି ଏଇମିତି କେତେ ଅଭିନୟ ଦେଖିଥିବେ। ସତସତିକା ସେମାନଙ୍କ ପାଇଁ। ସେମାନେ ସବୁ ପଗ୍ଭରିବା କେତେ କଥା ହେଲି...

## ୧. ପ୍ରଥମ ଥର ଓଡ଼ିଶା ନା ଶୁଣି ଚିହିଁକି ଉଠିଥିବା ଜଣେ ଅଷ୍ଟ୍ରେଲିଆ ନିବାସୀ:

:ଉ...ଡ଼ି...ଶା...! କେଉଁଠି ଏଇ ସହର ?

: ଆଜ୍ଞା...ଉଡ଼ିଶା ନୁହଁ ଓଡ଼ିଶା। ଏଇଟା'ତ ପ୍ରଥମ କଥା। ତା'ପରେ ଓଡ଼ିଶା ସହର ନୁହଁ ବରଂଚ ଏହା ଏକ ସ୍ୱାଧିନ ରାଜ୍ୟ, ପୂର୍ବଭାରତର।

:ଓ...ଡ଼ି...ଶା...! ଓଃ...କେବେ ଶୁଣିନି। ଏଇଟା କଣ ନୂଆଦିଲ୍ଲୀ ପାଖରେ ?

: ଆଜ୍ଞା...ଓଡ଼ିଶାର ଅବସ୍ଥିତି ପଶ୍ଚିମ ବଙ୍ଗାଳ, ଝାଡ଼ଖଣ୍ଡ, ଛତିଶଗଡ଼, ତେଲେଙ୍ଗାନା ଆଉ ଆନ୍ଧ୍ରପ୍ରଦେଶ ସୀମାକୁ ଛୁଇଁ ରହିଛି।

:ହଁ ହେଇଥିବ; ମୋର ଧାରଣା ନାହିଁ।

:ହେଉ ଆଜ୍ଞା, କେବେ ଭାରତକୁ ଗଲେ ଓଡ଼ିଶା ଯାଇ ଦେଖନ୍ତୁ। କଳା – ସଂସ୍କୃତି- ଐତିହ୍ୟଭରା ସୁନ୍ଦର ରାଜ୍ୟଟିଏ। ପ୍ରତି ପର୍ଯ୍ୟଟକଙ୍କ ରୁଚି ଅନୁଯାୟୀ ସେଇଠି ବିଭିନ୍ନ ଅଞ୍ଚଳ ରହିଅଛି।

## ୨. ଓଡ଼ିଶା ଭାରତର ଏକ ରାଜ୍ୟ ହୋଇଥିବା ଜାଣି, ଜଣେ କାରିବିଆନ୍ ନିବାସୀ:

:ଓଡ଼ିଶାରେ ମୁଖ୍ୟ ଜୀବିକା କଣ ? ଏଇଠି ଲୋକମାନଙ୍କ ଖାଦ୍ୟପେୟ କଣ ?

:ଆଜ୍ଞା, କୃଷି ମୁଖ୍ୟ ଜୀବିକା ହେଲେ କୁଟିର ଶିଳ୍ପ, କଳା ସ୍ଥାପତ୍ୟ, ଶିଳ୍ପ, ଖଣିଜ ସମ୍ପତ୍ତିରେ ଭରା ମୋର ଏଇ ରାଜ୍ୟରେ ସବୁ ପ୍ରକାର ଜୀବିକାକୁ ନେଇ ଲୋକେ ରହନ୍ତି। ଆଉ ନଦୀ, ହ୍ରଦ, ସମୁଦ୍ର ସବୁ ଥିବା ହେତୁ ଖାଦ୍ୟପେୟ ସବୁ ବିଭିନ୍ନ ଧରଣର। ହେଲେବି ଭାତ ଆମର ପ୍ରଥମ ପସନ୍ଦ। ପନିପରିବା ସବୁପ୍ରକାର ମିଳୁଥିବା ହେତୁ ଅଧିକାଂଶ ସୁସ୍ୱାଦୁ ଅନ୍ନବ୍ୟଞ୍ଜନରେ ପନିପରିବା ହିଁ ପ୍ରଧାନ ଜାଗା ଅକ୍ତିଆର କରିଥାନ୍ତି। ଆମିଷରେ ଆମେ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ଛେଳିମାଂସ, କୁକୁଡ଼ାମାଂସ, ମୁଖ୍ୟତଃ ଖାଇଥାଉ। ଗାଁଗଣ୍ଡା ଆଉ ପଲ୍ଲୀପଙ୍କାଳରେ ଲୋକେ ସମ୍ବର, ଜିଆଦ, କୁଟୁରା, ପ୍ରଭୃତି ଶିକାର କରି ଖାଆନ୍ତି।

:ଗାଈ, ଘୁଷୁରୀ ମାଂସ ଖାଅନି ତୁମେ ସବୁ

:ଗାଈ ସହ ଆମର ଧାର୍ମିକ ଆଉ ସମ୍ବେଦନଶୀଳ ସମ୍ପର୍କ ହେତୁ ଆମେ ଗାଈ ମାଂସ ଖାଉନାହୁଁ । ଆଉ ଆମର ସେଇଠି ସବୁ ଘୁଷୁରୀ ସବୁ ଅଖାଦ୍ୟ ଖାଉଥିବା ହେତୁ ତାହା ମଧ୍ୟ ଆମର ପସନ୍ଦ ନାହିଁ। (ଏଇ କଥା ଖାଲି ବାଆଁରେଇବାକୁ କହିଥିଲି ହେଲେ ମୋର ଏଥିପ୍ରତି ମତ ଟିକେ ଅନ୍ୟପ୍ରକାର; କେବେ ଲେଖିବି ଏଇ ଆମିଷ ଭୋଜନକୁ ନେଇ)

:ଓଃ...ହୋ...!

୩. ଓଡ଼ିଶାର କିଛି ଅନ୍ନବ୍ୟଞ୍ଜନ ମୋ ଘରେ ଖାଇସାରିବା ପରେ ଜଣେ ସର୍ବିଆ ନିବାସୀ :

: ଆପଣଙ୍କ ଓଡ଼ିଶାର ସମସ୍ତେ କହନ୍ତି ଯେ ସେଇଠି ସବୁ ଲୋକ ଅତି ଖାଦ୍ୟପ୍ରିୟ, ହେଲେ ଆପଣ ପୃଥିବୀର ଯେଉଁ କୋଣ ଅନୁକୋଣକୁ ଯାଆନ୍ତୁ ସେଇଠି ଭାରତର ବିଭିନ୍ନ ରାଜ୍ୟର ଖାଦ୍ୟପେୟର ହୋଟେଲ ବଜାର ଦେଖିବେ । ହେଲେ ଓଡ଼ିଶାର ତ କାହିଁ କେଉଁଠି ଚିହ୍ନବର୍ଣ୍ଣ ନାହିଁ ଏଇ ଖାଦ୍ୟପେୟ ବ୍ୟବସାୟରେ ।

ଦେଖନ୍ତୁ ଯେପରିକି: ଆନ୍ଧ୍ରା ରେଷ୍ଟୁରାଣ୍ଟ, ପଞ୍ଜାବୀ ଢାବା, ସାଉଥ୍ ଇଣ୍ଡିଆନ୍ ହୋଟେଲ୍, ଚେଟିନାଡ୍ ରେଷ୍ଟୁରାଣ୍ଟ, ନେଲ୍ଲୋର୍ ମେସ୍, ଉଡୁପୀ ହୋଟେଲ୍, ପ୍ରଭୃତି । ଖାଲି ହୋଟେଲ୍ ବା ରେଷ୍ଟୁରାଣ୍ଟ ନୁହେଁ ଖାଦ୍ୟର ନାମ ଯେପରିକି, ବମ୍ବେ ରୋଟ୍, ବମ୍ବେ ପାଉଁଭାଜୀ, ପୁଲିଓଗାରେ, ପୁଲିହାରୀ, ପାନିପୁରୀ, ବମ୍ବେ ବିରିୟାନୀ, ଦମ୍ ବିରିୟାନୀ, ହଲଦୀରାମ୍ ସ୍ୱୀଟ୍ସ, ତଡ୍କା, ପନୀର ବଟର୍ ମସାଲ୍, ଦୋସା, ନାନ୍, ପ୍ରଭୃତି ବିଭିନ୍ନ ଅଞ୍ଚଳର ଖାଦ୍ୟପଦାର୍ଥ ହିସାବରେ ପ୍ରସିଦ୍ଧ ଅଛି ହେଲେ ଆପଣଙ୍କ ଅଞ୍ଚଳର କୌଣସି ଖାଦ୍ୟପେୟର ନାମ ମୁଁ ଏ ପର୍ଯ୍ୟନ୍ତ ଶୁଣିନାହିଁ ଅଥବା ଖାଇନାହିଁ ।

ଆପଣ ଆଜି ମୋତେ ଓଡ଼ିଶାରେ ଏଇ ସବୁ ଯେଉଁ ଅନ୍ନବ୍ୟଞ୍ଜନ ଖୁଆଇଲେ ଏଇ ସବୁ ଅତି ସୁସ୍ୱାଦୁ ଆଉ ଏହା ମୁଁ ମୋର ଏଇ ୫୦ବର୍ଷର ଜୀବନକାଳରେ କେଉଁଠି ଖାଇ ନାହିଁ ।

:ଆଜ୍ଞା, ଆପଣ ଯେଉଁ ସବୁ ଅନ୍ନବ୍ୟଞ୍ଜନ ଖାଇଲେ ସେଇ ସବୁ ହେଲା ଓଡ଼ିଶାର ନିଜସ୍ୱ ପ୍ରସିଦ୍ଧ ଖାଦ୍ୟପେୟ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ତଥା ଧନୀକ ଶ୍ରେଣୀ ଠାରୁ ଗରୀବ ପର୍ଯ୍ୟନ୍ତ ସଭିଙ୍କ ଘରେ ଏହା ପ୍ରସ୍ତୁତ ହୋଇଆସୁଅଛି । ଆପଣ ଯାହା ଖାଇଲେ; ଏଇ ସବୁର ନାମ ହେଲା ଖେଚୁଡ଼ୀ, ଡାଲମା, ଘାଣ୍ଟ ତରକାରୀ, ଅମୃତଭଣ୍ଡା - ବୋଇତାଳୁ ସାକରା, ନଡ଼ିଆ ପିଠଉ ଭଜା, ଶାଗ ଖରଡ଼ା ଆଉ ସବା ଶେଷରେ ଯେଉଁ ମିଠା ଖାଇଲେ ତାହା ହେଉଛି ସାରା ବିଶ୍ୱରେ କେବଳ ମୋ ରାଜ୍ୟରେ ପ୍ରସ୍ତୁତ ହେଉଥିବା ଛେନାପୋଡ଼...!

ଏଇପରି ଲେଖି ବସିବି ଯଦି ଭାଇ ଓ ଭଉଣୀମାନେ ଆପଣଙ୍କୁ ପୃଥିବୀର ଅଧା ଭୂଗୋଳ ଜ୍ଞାନ ହୋଇଯିବ ଆଉ ମନରେ ପୀଡ଼ା ହେବ ଯେ ଆମ ଓଡ଼ିଶା ଆଉ ଓଡ଼ିଆର ପରିଚୟ କେତେ କଦର୍ଥ ସମସ୍ତଙ୍କ ପାଇଁ। ଆଉ ଯେଉଁ

କେତେଜଣ ଓଡ଼ିଆ, ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚୟ ଦେବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ପାଇଁ ଅନ୍ୟ ଓଡ଼ିଆ ଭାଇ ଓ ଭଉଣୀ କରୁଛନ୍ତି କ'ଣ !

ଅନେକ ଓଡ଼ିଆଙ୍କୁ ଏଇୟା କହିବାର ଶୁଣିଛି ଯେ,

ଶଃ...ଆମର ପରା କଙ୍କଡ଼ା ଜାତି; ଜଣେ ଆଉ ଜଣକୁ ଭିଡ଼ାଭିଡ଼ି କରିବାରେ ହିଁ ବ୍ୟସ୍ତ। ଏଣୁ ଓଡ଼ିଶାର ଉନ୍ନତି ଅସମ୍ଭବ।

ଅତି ନିର୍ଲଜ୍ଜ କଥା ଆଉ ଅଳ୍ପଜ୍ଞ୍ୟ ଚିନ୍ତନ ଇଏ। ଓଡ଼ିଶାର ଆଉ ଏହାର ମାତୃଭାଷାର ସମୃଦ୍ଧି ନିମନ୍ତେ ସାହିତ୍ୟ ହେଉଛି ଏକ ଯୁଗୋପଯୋଗୀ ଆୟୁଧ। ଆମ ରାଜ୍ୟର କେତେଜଣ ହାତଗଣତି ଆତ୍ମବଡ଼ିମାରେ ପାଗଳ ସାହିତ୍ୟିକ ହାଟ ମଝିରେ ବ୍ରହ୍ମଜ୍ଞାନ ବାଢି ବସନ୍ତି। ଏମାନେ ସାହିତ୍ୟରୂପୀ ସୂର୍ଯ୍ୟକୁ ନିର୍ବୋଧତାର ମଶାଲରେ ଦେଖାଇବାକୁ ଗ୍ରହୁଁଛନ୍ତି। ଭାଷାର ପ୍ରୟୋଗ, ନିର୍ବାଚନ ତଥା ସମାଦରରେ ହିଁ ପ୍ରତ୍ୟେକ ସାହିତ୍ୟିକର ପରିଚିତି ଥାଏ। ପ୍ରତ୍ୟେକ ସାହିତ୍ୟିକ ଆଗାମୀ ପୀଢ଼ି ପାଇଁ ଉତ୍ତରଦାୟୀ। ରୁଚି ଅନୁଯାୟୀ ଲେଖା ଆଉ ସର୍ବଜନ ହିତାୟ ଲେଖାରେ ପାର୍ଥକ୍ୟ ବୁଝିବାକୁ ପଡ଼ିବ। ସେଇଥିପାଇଁ ମୁଁ "ହାଟମଝିରେ ବ୍ରହ୍ମଜ୍ଞାନ" ବୋଲି ଦର୍ଶାଇଅଛି। ଅନେକ ସାହିତ୍ୟ ପୃଷ୍ଠାରେ ଅନେକ ଉଃ..ଆଃ...ଓଃ..ରୂପୀ ମନ୍ତବ୍ୟ ମୁଁ ଦେଖିପଡ଼ି ଆସୁଛି। ସେଥିରେ କିଏ କାଳିଦାସ ହୋଇଗଲାଣି ତ କିଏ ରାଧାନାଥ। ଅତି ଆଶ୍ଚର୍ଯ୍ୟ ବୋଧହୁଏ ଏଇ ଅଜ୍ଞାନତା ଦେଖି। ପ୍ରକୃତ ପାଠକ ହିଁ ଉତ୍ତମ ସାହିତ୍ୟ ପାଇଁ ଦାୟିତ୍ୱବାନ ହେବା ଉଚିତ। ସେଇଥିପାଇଁ ଅନେକ ଦିନ ତଳେ ଏକ ଆଲେଖ୍ୟରେ ମୁଁ କହିଥିଲି ଯେ...

"ସାହିତ୍ୟର ଭାବ, ଶବ୍ଦ ସବୁ ଦେଖି ପସନ୍ଦ ହେଉ, ସାହିତ୍ୟିକର ନାମ ଓ ଲିଙ୍ଗ ଦେଖି ନୁହଁ" ଏଇ କଥାକୁ ସମସ୍ତେ ଧ୍ୟାନ ଦେବେ ବୋଲି ଅନୁରୋଧ।

ମୋର ଏକ ପ୍ରବନ୍ଧ ସଙ୍କଳନ ସାହିତ୍ୟ ତ୍ରିଭୂଜରେ ଏହା ଲେଖିଥିଲି ଯେ...

ସାହିତ୍ୟ ହେଉଛି ପ୍ରଜ୍ଞାବାନଙ୍କ ଏକ ବଳିଷ୍ଠ ଶସ୍ତ୍ର। ଏହା ଜନସାଧାରଣ ତଥା ସମାଜର ଉତ୍‌ଥାନ ଏବଂ ଜନଜୀବନର ସମୃଦ୍ଧି ନିମନ୍ତେ ବ୍ୟବହାର କରାଗଲେ ସତରେ କେତେ ଭଲ ହୁଅନ୍ତା। ସାହିତ୍ୟ ହିଁ ଜନମାନସକୁ ଅର୍ଥ ଶ୍ରମର ସ୍ୱଳ୍ପ ବିନିମୟରେ ପରମାନନ୍ଦ ଦିଏ। ସେଇଥିପାଇଁତ ଶ୍ରମଜୀବି, ଧର୍ମଜୀବି ସବୁ ଏଇ ସାହିତ୍ୟର ସାହାଯ୍ୟ ନିଅନ୍ତି । ଜୀବନର ପ୍ରତିଟି ମୁହୂର୍ତ୍ତରେ ପ୍ରତି ପ୍ରାଣୀ ଗୁଣୁଗୁଣୁ ହୋଇ ଝଙ୍କାର ତୋଳିଥାଏ। କେତେବେଳେ ଏହା ଲେଖନୀ ମୁନରୁ ଝରିପଡ଼େ ତ କେତେବେଳେ ସାତସୁର ହୋଇ ଆମର ମୁଖ ନିସୃତ ହୋଇଥାଏ। ଏଇ ସାହିତ୍ୟ ହିଁ ଦେଶ ବିଦେଶ ଆଉ ବିଭିନ୍ନ ସଂସ୍କୃତି ସହ ଆମକୁ ପରିଚିତ କରାଇଥାଏ। ଏଣୁ ସାହିତ୍ୟର ଉଦ୍ଦେଶ୍ୟ ଆଉ ସାହିତ୍ୟିକଙ୍କ ମନୋଦ୍ଦେଶ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହେଲେ ସମାଜ ପାଇଁ ଏହା ହିତକାରୀ ନିଶ୍ଚିତ ହୁଅନ୍ତା ।

ସମାଜର ବିଭିନ୍ନ ସ୍ତର ଆଉ ବର୍ଗରେ ସାହିତ୍ୟର ବ୍ୟବହାର ଆଉ ପ୍ରସିଦ୍ଧି ଏଇ ପଦକେତେରୁ ଜଣାଯାଏ...

ବୀରବରଙ୍କ ନିମନ୍ତେ ଏଇ କଥା ପ୍ରସିଦ୍ଧ ଥିଲା...

"ଗାଏ ତବ ଗୀତ ସଭାରେ ପଣ୍ଡିତ

ପଥେ ପାନ୍ଥ ହୃଷ୍ଟମନା

ବିଲେ ଗାଏ ଚଷା, ଅନ୍ତଃପୁରେ ଯୋଷା

ନୃତ୍ୟରଙ୍ଗେ ବାରାଙ୍ଗନା"

କବି ଯଦୁମଣିଙ୍କ...

ରଜା ସିନା ପୂଜା ପାଏ ଆପଣା ଦେଶରେ

କବି ପୂଜା ପାଉଥାଏ ଦେଶ ବିଦେଶରେ

ଏଣୁ ସାହିତ୍ୟ ଶସ୍ତ୍ରକୁ ନେଇ ସାହିତ୍ୟିକଗଣ ନିଜନିଜର ଦାୟିତ୍ୱ ପାଳନ କରି ସମାଜ ପାଇଁ ଏକ ଶୁଭଙ୍କର ଯୁଗ ଆଣି ପାରିବେ, ଏହା ମୋର ମତ ।

ଭାଇ ଓ ଭଉଣୀମାନେ, ଆମର ଓଡ଼ିଶା ମା'ପାଇଁ; ମୋ କଥା ଅନୁସାରେ ମୁଁ ସଦା ସମସ୍ତଙ୍କୁ ଏଇଭଳି କହେ...

ଆମେ ଓଡ଼ିଆ...ଆମ ଓଡ଼ିଶା...!!!

ଓଡ଼ିଆ ବୋଇଲେ କ'ଣ ?

ଓଡ଼ିଆ କିଏ ?

କ'ଣ ତାର ପ୍ରକୃତ ପରିଚୟ ?

ରଙ୍ଗବତୀ ଗୀତ ଗାଇ ପାରୁଥିବା ବ୍ୟକ୍ତିଟି ଓଡ଼ିଆ ନା ଏଣ୍ଡୁରୀ ପିଠା ଖାଉଥିବା ଲୋକଟି ଓଡ଼ିଆ ?

ମାତୃଭାଷା ଓଡ଼ିଆ ପଢୁଥିବା ବ୍ୟକ୍ତିଟି ଓଡ଼ିଆ ନା ଓଡ଼ିଆ କହି ପାରୁଥିବା ବ୍ୟକ୍ତିଟି ଓଡ଼ିଆ ?

ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ମାନୁଥିବା ବ୍ୟକ୍ତିଟି ଓଡ଼ିଆ ନା ଅଧୁନା ଓଡ଼ିଶାରେ ବସବାସ କରୁଥିବା ବ୍ୟକ୍ତିଟି ଓଡ଼ିଆ ?

ଅପ୍ରିଲ୍ ପହିଲାରେ ଉତ୍କଳ ଦିବସ ପାଳନ କରୁଥିବା ବ୍ୟକ୍ତିଟି ଓଡ଼ିଆ ନା କଳିଙ୍ଗ ଯୁଦ୍ଧରେ ଚଣ୍ଡାଶୋକଙ୍କୁ , ଧର୍ମାଶୋକରେ ପରିଣତ କରେଇଥିବା ଇତିହାସ କହୁଥିବା ବ୍ୟକ୍ତିଟି ଓଡ଼ିଆ ?

ଏଇପରି କେତେ କଥା ଓ ଲଥାର ଅଡୁଆ ଲଟା ଇଏ ।

ଏହାର ସଜ୍ଞା ଖୋଜିବାକୁ ବସିଲେ ଲମ୍ବିଯିବ ଇତିହାସର ଅଙ୍କାବଙ୍କା କେତେ ବାଟ । ଆଜି ନୁହେଁ ଆଉଦିନେ ସେଇ କଥା କହିବି ଏଇ ଓଡ଼ିଆପଣିଆର। ଆସନ୍ତୁ ଆଜି କିଛି କଥା ହେବା ଆମେ ଓଡ଼ିଆ...ଆମ ଓଡ଼ିଶାର । ଧାଡ଼ିକରେ କହିବାକୁ ଗଲେ। ଆମର ରାଜ୍ୟ ଓଡ଼ିଶା; ଆମର ଭାଷା ଓଡ଼ିଆ ଓ ଆମେ ଓଡ଼ିଆ । ଆମର ଆରାଧ୍ଧ ଦେବତା ଶ୍ରୀଜଗନ୍ନାଥ। ଆମ ଜୀବନର ପ୍ରଥମ ଏବଂ ଚରମ ସତ୍ୟ ଏହାହିଁ ଅଟେ । ଏଥିକୁ ନେଇ କୌଣସି ନାଟତାମସା ନହେଉ, କୌଣସି ଖିଲ୍ଲପ ନହେଉ, କୌଣସି ତର୍କବିତର୍କ ନହେଉ। ଏଇ କଥାଟା ଯେ ମଞ୍ଜକଥା ଏହା ବୁଝିବାକୁ ପଡ଼ିବ,ପ୍ରଥମତଃ।

"ରହିଛି ରହିବ ମୁଣ୍ଡ ଠିଆ କରି ପାଉଥିବ ଦଶଦିଶେ ଯଶ।
ସେବୁଥିବା ତାରେ ଆମେ ତା ସନ୍ତାନ  ଆମେ ଓଡ଼ିଆ, ଓଡ଼ିଶା ଆମ ଦେଶ ||
ଉପେନ୍ଦ୍ର, ଗୋପାଳ, ଭୀମ, ବଳଦେବ  ବଳରାମ ଆଉ ଜଗନ୍ନାଥ।
ଦୀନକୃଷ୍ଣ ଅଭିମନ୍ୟୁ ଓ ସାରଳା ଫକୀର ଗଙ୍ଗା ଓ ରାଧାନାଥ ||
ଭାଷା ପଞ୍ଚାମୃତ ସିଞ୍ଚନ କରାଇ ଓଡ଼ିଆରେ ଦେଲେ ଜୀବନ୍ନ୍ୟାସ।
ପଞ୍ଚସଖା ବଳୀଦାନେ ଏକାଧାର ହେଲା ଧନ୍ୟ ମୋ ଓଡ଼ିଶା ଦେଶ  ||"

ଆମେ ଓଡ଼ିଆ...!!!

ଏଇ ଓଡ଼ିଶା ମା'ର ଆମେ ଦାୟାଦ, ଏହାର ଭବିଷ୍ୟତର ରୂପରେଖ ଆମ୍ଭରି ହାତରେ। ଏହାକୁ ଉନ୍ନତି ଓ ବିକାଶରେ ଅଗ୍ରଗଣ୍ୟ ଏବଂ ବିଶ୍ୱସ୍ତରରେ ପ୍ରତିଷ୍ଠା କରି ଆମକୁ ପ୍ରମାଣ କରିବାକୁ ହେବ ଆମେ ହିଁ ଏହାର ସୁଯୋଗ୍ୟ ବଂଶଧର । ଆମକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ହେଲେ ସମସ୍ତେ ଏକ ମନ ପ୍ରାଣ ଓ ଆତ୍ମା ହୋଇ କାନ୍ଧରେ କାନ୍ଧ ମିଳାଇ ଆଗକୁ ଯିବାକୁ ହେବ । ଆମ ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ସମସ୍ତ ପ୍ରକାର ଚିନ୍ତା ଓ ଚେତନାକୁ ଭବିଷ୍ୟତୋନ୍ମୋଖି କରାଇପାରିଲେ ଆମର ଉନ୍ନତି ହେବ ବୋଲି ଆମ୍ଭର ଦୃଢ଼ବିଶ୍ୱାସ ।

"ଭାଷା କୁ ବରଜି ଜ୍ଞାନୀ କି ହୋଇବ,  ଓଡ଼ିଆ ତୁମର ପରିଚୟ।
ମାତୃଭୂମି, ମାତୃଭାଷା ନ ବନ୍ଦିଲେ କିସ ହେବ କଲେ ବିଶ୍ୱଜୟ || "

ସମସ୍ତ ଓଡ଼ିଶାବାସୀ ତଥା ଓଡ଼ିଆ ଭାଇ ଓ ଭଉଣୀ ମାନଙ୍କୁ ବିନମ୍ର ଅନୁରୋଧ ଯେ; ଚାଲନ୍ତୁ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଏବଂ କୌଣସି ପ୍ରକାରର ପ୍ରତିଯୋଗିତା ମୂଳକ ଅଭିସନ୍ଧି ନରଖି ଓଡ଼ିଆ ତଥା ଓଡ଼ିଶାର ଉନ୍ନତି ତଥା ପ୍ରଶସ୍ତି ନିମନ୍ତେ କାର୍ଯ୍ୟ କରି ଆଗେଇ ଯିବା ।

" ଓଡିଆରେ ଆମେ, ଜାତି ଧର୍ମ ପ୍ରେମ ସବୁତ ଓଡ଼ିଶା ପାଇଁ,
ବୀର ପ୍ରସବିନୀ ଧର୍‌ ଆମ ଓଡ଼ିଶା ମା ପର୍‌ ବଞ୍ଚିବା ତାହାରି ପାଇଁ ।
ଓଡ଼ିଶା ମାଟିରେ ହସିବା ଖେଳିବା, ତାହାରି ସେବାରେ ପ୍ରାଣ,
ମରିଯିବା ପଛେ କେଭେଁ ନଭୁଲିବା ଆମ ଓଡ଼ିଶାର ଗୁଣଗାନ । "

## ଆମ ଓଡ଼ିଶା...!!!

ଶାନ୍ତ ସ୍ନିଗ୍ଧ କମନୀୟ ଅପରୂପା ଓ ପ୍ରକୃତି ର ଗନ୍ତାଘର ।ସମୁଦ୍ରର ଉତ୍ତୁଙ୍ଗ ଲହରୀମାଳା ଯା'ର ଚରଣ ସ୍ପର୍ଶ କରି ପାଆନ୍ତି ଅନନ୍ତ ତୃପ୍ତି । ପ୍ରାକୃତିକ ଖଣିଜ ସମ୍ପତ୍ତି, ଶିଳ୍ପକଳା ଓ ଐସ୍ୱର୍ଯ୍ୟରେ ଯା'ର ତନୁଶ୍ରୀ ଖଚିତ। ନୃତ୍ୟ, ବାଦ୍ୟ ଓ ଲୋକଗୀତିରେ ଯା'ର ଗଗନ ପବନ ପ୍ରକମ୍ପିତ । ପ୍ରାଚୁର୍ଯ୍ୟମୟ ଇତିହାସ, ସାହିତ୍ୟ ଓ ଲୋକକଥାରେ ଯା'ର ସାମାଜିକ ଜୀବନ ଓତଃପ୍ରୋତ । ହ୍ରଦ, ନଦୀ, ବନ ଓ ଝରଣାର କୁଳୁକୁଳୁ ନାଦରେ ଯା'ର ଗାଁ ଗହଳି ର ଜୀବନସ୍ରୋତ ମୁଖରିତ । ଭୁବନେଶ୍ୱର ଏବଂ ଜଗନ୍ନାଥଙ୍କ କ୍ଷେତ୍ର ଯା'ର ଜନମାନସ କୁ ଶକ୍ତି ଓ ଭକ୍ତି ରେ ଅନୁପ୍ରାଣିତ କରିଆସିଛନ୍ତି ।ସର୍ବୋପରି ଧର୍ମ, କର୍ମ ତଥା ସଂସ୍କାର ଓ ସଂସ୍କୃତି ଯା'ର କୋଣ ଓ ଅନୁକୋଣ ରେ ପ୍ରବାହିତ ହୋଇ କେଉଁ ଆବହମାନ କାଳରୁ ଓଡ଼ିଆ ମନ, ପ୍ରାଣ ଓ ଆତ୍ମା କୁ ପ୍ରଫୁଲ୍ଲ ଓ ସତେଜ କରି ରଖିଛି । ସେଇ ଗୌରବମୟୀ ଜନ୍ମଭୂମି ର ଆମେ ଗର୍ବିତ ସନ୍ତାନ ।

"ଭାଇ ଭଉଣୀଏ...!
ଲେଖିବା କାହାଣୀ କଥା ଗୀତ କଳା ଓଡିଶାର,
ଦୁନିଆ ଜାଣିବ ଶୁଣିବ ଅପୂର୍ବ ଗଉରବ ଗାଥା ଉତ୍କଳର...!!
ଆମ ହାଣ୍ଡିଶାଳ ଆମର ଆଖଡା ଆମ ଲୋକକଥା ଆମ ଭାଷା,
ଆମର ଉତ୍କଳ, ଆମର କଳିଙ୍ଗ, ଆମର ମାଟି ମା ଏ ଓଡିଶା...!!!"

## ଓଡ଼ିଶାବାସୀ ଓ ଓଡ଼ିଆଭାଷୀ!!!

ଏଇ ମାଟିରେ ଆମର ଜନ୍ମ। ଏଇ ମନ-ପ୍ରାଣ-ଆତ୍ମାରେ ଏହାର ସୁଧାଧାର ନାମ ସଦାସର୍ବଦା ଝଙ୍କୃତ । ଏଇ ଆମ ଜନ୍ମଭୂମି, କର୍ମଭୂମି ଆଉ ଜ୍ଞାନଭୂମି ; ଏଇ ଆମ ଓଡ଼ିଶା; ଇଏ ଆମ ଓଡ଼ିଆମାନଙ୍କର ପ୍ରାଣପ୍ରବାହର ଅମୃତଧାର୍‌। ସମଗ୍ର ବିଶ୍ୱର ଓଡ଼ିଆ ଭାଇ ଓ ଭଉଣୀଙ୍କୁ ଆମ୍ଭର ହାର୍ଦ୍ଦିକ ଶୁଭେଚ୍ଛା ଆଉ ଆପଣଙ୍କ ସମୃଦ୍ଧ ପ୍ରାଣପ୍ରାଚୁର୍ଯ୍ୟ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ପ୍ରାର୍ଥନା କରୁଅଛୁ ।

" ଭାଷା ନଦିଘୋଷେ ଶ୍ରମରଜ୍ଜୁ ବାନ୍ଧି  ଏବେ ତ୍ୟାଗର ଜୋର୍ ଲଗାଅ ,
ବିଶ୍ୱ ବଡ଼ଦାଣ୍ଡେ ଟାଣିନେବା ରଥ  ଆମେ ଓଡ଼ିଶା ମାଟି ର ପୁଅ ।
ପ୍ରଗତି କୋଣାର୍କେ ମୁଣ୍ଡି ମାରିଦେବା  ଆମେ ଧର୍ମପଦ ବୀର ପରି ,
ମାତୃଭୂମି, ମାତୃଭାଷା ର ବିକାଶେ  ହେବା ସର୍ବେ ଜାଗ୍ରତ ପ୍ରହରୀ ।"

ଅତୀତର ସଂଘର୍ଷମୟ ବିଭୀଷିକା, ଇତିହାସର ପୃଷ୍ଠା ପୃଷ୍ଠାରେ ଆମର ସମୃଦ୍ଧିର ବିବର୍ତ୍ତନ ସଂଗ୍ରାମ, ପ୍ରସ୍ତର ଆଲେଖ୍ୟରେ ରାଜଭାଷା ଆଉ ସାମାଜିକ ଜନଜୀବନରେ ଓତଃପ୍ରୋତ ଆମର ସଂସ୍କାର ଆଉ ସଂସ୍କୃତି । ଆମ୍ଭର ସରଳତା ଆଉ ଜୀବନର ଅନ୍ତଃସ୍ରୋତ ଆମ୍ଭକୁ ଯେତେ ସାମାଜିକ ଚିନ୍ତା ଓ ଚୈତନ୍ୟରେ ଉଦ୍‌ବୃଦ୍ଧ କରିଛି, ବାହ୍ୟଶକ୍ତିମାନେ ଆମ୍ଭକୁ ସେତେ ଦୁର୍ବଳ ଆଉ ସୁପ୍ତ ଭାବି ନିଷ୍ଠୁରତାର କଷାଘାତରେ ଜର୍ଜ୍ଜରିତ କରିଚାଲିଛନ୍ତି । କେଉଁ ଆବହମାନ କାଳରୁ ଆମ୍ଭପ୍ରତି ଅନ୍ୟାୟରେ କୌଣସି କାର୍ପଣ୍ୟତା କରିନାହାନ୍ତି ଆମ୍ଭ ଭାରତର ରାଷ୍ଟ୍ରୀୟ ଜନନାୟକଗଣ ମଧ୍ୟ । ସମୟର ଜୀର୍ଣ୍ଣପୃଷ୍ଠାକୁ ଓଲଟାଇଲେ ଏବେବି ଦୟାନଦୀର ଗୁମୁରି ହୋଇ କାନ୍ଦିବାର ଶୁଣାଯାଏ, କୋଣାର୍କର କୋହ ଏବେବି ବେଳାଭୂମିକୁ ଥରାଇ ଦିଏ । ଆମ୍ଭର ଓଡ଼ିଆ ଭାଷାକୁ ବିଲୋପ କରିବାର ଚକ୍ରାନ୍ତ, ଆମ ଓଡ଼ିଶାକୁ ବଙ୍ଗ ବିହାରରେ ମିଶାଇ ଦେବାର କୂଟନୀତି, ଆମ୍ଭ ସଂସ୍କୃତି ଆଉ ପରମ୍ପରାକୁ ଉଧାର ଅଣାଯିବାର ଉଦ୍ଭଟ କଳ୍ପନା କଥା, ଏବେବି ବ୍ୟାଖ୍ୟା କଲାବେଳେ କେତେ ମହାନ ଆତ୍ମାଙ୍କ କୋଟରଗତ ଆଖିରୁ ଦୁଇବୁନ୍ଦା ତତଲ ଲୁହ ବୋହିପଡ଼େ ।

" ଓଡ଼ିଶା ମାଟିର ଭଉଣୀ ଭାଇରେ ! ମରମ କଥା ଏ ଶୁଣିଯାଅ ।
ଓଡ଼ିଆ ଭାଷାରେ ଲେଖ ପଢ଼ କୁହ  ଓଡ଼ିଶାର ପୋଥି ପୁରାଣ ଗାଅ ।
ବିଶ୍ୱ ଦରବାରେ ପ୍ରତିଷ୍ଠା କୁ ଇଚ୍ଛି ଓଡ଼ିଆ ଏକାଠି ହୁଅ ଆଜି ।
ଆମେ ନୋହୁଁ କ୍ଷୁଦ୍ର, ନୁହଁ ତ ଦରିଦ୍ର ଓଡ଼ିଆ ଉଠ ତୁ କାଳନିଦ୍ରା ତେଜି । "

ଏହାତ ଗଲା ବାହାର ଲୋକଙ୍କ ଆମ୍ଭପ୍ରତି ଉପହାସ ତଥା ତାଚ୍ଛଲ୍ୟର ଚିରାଚରିତ ଉପାଖ୍ୟାନ । ହେଲେ, ଏହି ସବୁ ସମୟର କ୍ରୁରତାକୁ ଆମ୍ଭେ କାହିଁକି ଭୁଲି ଯାଉଅଛେ ?  ଯେଉଁ ତାଳରେ ଆମ୍ଭର ଏହି ଜନ୍ମ-କର୍ମ-ଧର୍ମର ନୀଡ଼ଟି ଋତୁଚକ୍ରର ପ୍ରବାହରେ ଦୋଳାୟମାନ; ଆମ୍ଭେ ସେହି ତାଳଟିକୁ ଆଜି କୁଠାରାଘାତ କରିବାକୁ ପଶ୍ଚତପଦ କାହିଁକି ହୋଇପାରୁନେ??

ସମୟରେ ଲେଲିହାନ ଶିଖାରେ ନିଜକୁ ଝାସଦେବାର ଏହି ପ୍ରୟାସ  କାହିଁକି ??? ଧର୍ମପଦର ଉତ୍ସାହ, ଏକାଗ୍ରତା ଆଉ ମୁଣ୍ଡିମାରିବାର ଦୃଢ଼ତା ; ବାଜିରାଉତର ଅଟଳ ବିଶ୍ୱାସ,  ଜନ୍ମଭୂମିର ପ୍ରୀତି ଆଉ ବଳିଦାନ ;

ଦୋହର୍ ବିଷୋୟୀ, ଜୟୀ ଗ୍ରଜଗୁରୁ, ପଞ୍ଚସଖା ଆଉ ଓଡ଼ିଶାର ଗଠନ, ବିକାଶ ଆଉ ସୁରକ୍ଷା ନିମନ୍ତେ ନିଜର ଜୀବନ, ଯୌବନ ଆଉ ସକଳ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳୀଦାନ ଦେଇଥିବା ସେହି ଅମର ଓଡ଼ିଆ ଭାଇ ଓ ଭଉଣୀଙ୍କ ଏହି ସଫଳ ପ୍ରୟାସ କଣ ଆମ୍ଭେ ଭୁଲିଯିବା ?

" ଶ୍ରମଦାନ ତ୍ୟାଗ ଉତ୍ସର୍ଗ ଜୀବନ ଓଡ଼ିଆ ଭାଷାରେ ଥାଉ ।

ଭାଷାର ବିନ୍ୟାସ ଭୂମିର ବିକାଶ ପାଇଁ ଏ ଜୀବନ ଯାଉ ।।

ସମସ୍ତେ ହାତକୁ କାନ୍ଧକୁ ମିଳାଇ ହୃଦ ମନେ ଏକ ହେବା ।

ଓଡ଼ିଶାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠା ନିଶ୍ଚୟ ଆମ୍ଭେ କରିବା ।। "

ଆସନ୍ତୁ,

ହେ ଆମ୍ଭର ଓଡ଼ିଶାବାସୀ ଆଉ ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆ ଭାଇ ଓ ଭଉଣୀମାନେ!...

ସମଗ୍ର ବିଶ୍ୱବାସୀଙ୍କୁ ଆମ୍ଭ ମାନଙ୍କୁ ଜଣାଇ ଦେବାକୁ ହେବ, ଆମ୍ଭେ ସୁପ୍ତ, ନିରୀହ, ଦୁର୍ବଳ ନୁହଁ ; ଆମ୍ଭେ ଶକ୍ତ, ଆମ୍ଭେ ଉନ୍ନତ, ଆମ୍ଭେ ସମୃଦ୍ଧ ; ଆମ୍ଭେ ସଂସ୍କାର, ସଂସ୍କୃତି ଓ ସମୃଦ୍ଧିର ଏକ ଗନ୍ତାଘର । ଏବେ ଆମ୍ଭେ ହାତରେ ହାତ ମିଳାଇ, ସମ୍ପୂର୍ଣ୍ଣ ସହଯୋଗ ସହ ଚାଲନ୍ତୁ ଏକ ବିକାଶଶୀଳ , ଉନ୍ନତ ଆଉ ସମୃଦ୍ଧ ଓଡ଼ିଶାର ଅମରଗାଥା ଲେଖିବା ବିଶ୍ୱଇତିହାସରେ । ଏକ ମନ-ପ୍ରାଣ-ଆତ୍ମା ହୋଇ ଓଡ଼ିଶାକୁ ଏକ ଅଗ୍ରଗଣ୍ୟ ପ୍ରଦେଶର ମର୍ଯ୍ୟଦା ଦେବା ।

ହାତୀ ବଣରେ ଥିଲେ ମଧ୍ୟ ଗ୍ରଜାର..ଏଇ କଥା ଶୁଣି ଆସୁଛେ ଆମ୍ଭେ। ସେଇ କଥା ହିଁ କହୁଛି; ଆମ୍ଭେ ଯେଉଁଠି ଥିଲେ ବି ଓଡ଼ିଶା ମା'ର। ଏଣୁ ମୁଁ କହେ...

" ପ୍ରବାସେ ରହିଲେ ତୁଣ୍ଡକି ରହିବ

ମାତୃଭାଷାରେ ଯେ ପଦେ ନ'ଗାଇ!

ରଜାକି ନୋହିବ ଜୀବର ପାଳକ

ମତଙ୍ଗ ଅରଣ୍ୟେ ରହିଲେ ଯାଇ?

କହିବା, ଗାଇବା, ଲେଖିବା ସରବେ

ଅତି ସୁମଧୁର ଓଡ଼ିଆ ଭାଷା,

ଓଡ଼ିଶା ପରାଣ ମାତୃଭାଷା ଆମ

କେଉଁ ହୋଇବକି ଏ ପିତାକଷା !! "

ଏକତା ଆମ୍ଭର ଅସ୍ତ୍ର ହେବ, ସଂସ୍କୃତି ହେବ ଆମ୍ଭର ଶସ୍ତ୍ର, ବିଶ୍ୱାସ ହେବ ଆମ୍ଭର ସହଯାତ୍ରୀ ଆଉ ଦୃଢ଼ବ୍ରତୀ ହୋଇ ଆମ୍ଭେ ଗଢ଼ିବା ଏକ ସ୍ୱର୍ଣ୍ଣିମ ଓଡ଼ିଶା ।ପ୍ରତ୍ୟେକ ଓଡ଼ିଶାବାସୀ ପୂର୍ଣ୍ଣାଙ୍ଗ ଜୀବନଧାର୍, ଶାଶ୍ୱତ ଅନୁଚିନ୍ତନ ତଥା ଐଶ୍ୱରୀୟ ଚେତନାରେ ଉଦ୍‌ବୃଦ୍ଧ ହୋଇ ନିଜକୁ ଓଡ଼ିଶାର ସେବାରେ ନିୟୋଜିତ କରିଲେ ଆମ୍ଭର ରାଜ୍ୟ ନିଶ୍ଚୟ ଚିରନ୍ତନ ଏକ ଗୌରବମୟ ରାଜ୍ୟରେ ଯେ ପରିଗଣିତ ହେବ ଏଥିରେ ଦ୍ୱିରୁକ୍ତି ନାହିଁ ।

## ଜୟ ଓଡ଼ିଆ...ଜୟ ଓଡ଼ିଶା...ଜୟ ଜଗନ୍ନାଥ...!!!


**ପ୍ରଶାନ୍ତ କୁମାର ଭୂୟାଁ**

**ସମ୍ପାଦକ**

**ଓଡ଼ିଆ ବିଭାଗ**


prasantabhunya@gmail.com

+୧ ୬୪୭ ୯୯୬ ୫୨୮୦


## ଆମେ ଓଡ଼ିଆ... ଆମ ଓଡ଼ିଶା...!!!



# EXECUTIVE
## MESSAGES



**President's Message**



**ଆପଣମାନଙ୍କୁ**

**ଉତ୍କଳ ଦିବସର ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ !**

Dear Friends,

**Namaskar!**

On the occasion of the 80th anniversary of Utkala Dibasa, we have encouraged our chapters to celebrate the formation of our state, the first linguistic-based state in the India. We are happy that this year many of our chapters have decided to celebrate Utkala Dibasa (Odisha Dibasa). Also, many of our chapters are celebrating the birth centenary of legendary odia poet late Sachi Routray.

Over last few years, there has been a discussion about archiving OSA's past publications: Souvenirs and Newsletters. Dr. Lalu Mansinh, Mr, Manoranjan Patnaik and Dr. Kula Mishra had volunteered to help with this effort and I am happy to inform that they have completed digitizing all available publications. Now the PDF copies of past souvenirs from 1984 to 2003 are available online (please see OSA website – Publications – Souvenirs). We are in the process of uploading past newsletters and will inform you as soon as those are available online. My sincere thanks to Lalu babu, Kula babu and Manoranjan babu for their help. If you have a copy of any of the missing publication and if you can share with us we will try to add that to the archive.

One of the advantages of availing these publications online is: it provides a glimpse of OSA at the different time to those of us who became part of OSA later. I happened to read 'Shared Experiences – The Missing Link In OSA's Future' by Ms. Nivedita Misra published in 1996 Souvenir, where she had summarized three action items; Youth Camp, Summer Grants to Odisha and Development Projects. I must say the suggestions are worth considering even today. We are already implementing a few of them and some we can explore if it can be done given the resource requirements. We will explore the option of Summer Grants to Odisha. We have already requested the chapters to organize youth mentoring program at the local level. NYNJ chapter has successfully done that and even arranged to fund through corporate matching. OSA has allocated funds for these events and few local chapters are planning these meets. OSA is involved in Adopt-A-Village service project and we encourage

anyone interested including 2nd gen youth to be part of it. Recently, Ms. Erin Ramsden of UCSC had organized a cultural program with help of many of our OSA members/artists in Bay Area and raised $2600 for the project. Along with those fund raised, OSA has sent $4100 for the project till today which will cover the cost of the program until end of 2016. Here is the link to the presentation on Adopt-A-Village shared on OSANet before.

Happy to inform you that 2005 Odia Sahitya Akademi Award winner Dr. Ramachandra Behera will join 2016 Convention as Chief Guest and Dr. Sruti Mohapatra will receive Life Time Achievement Award. We hope to see many of you during 2016 Convention in Providence, RI. It is encouraging to see the enthusiasm of the volunteers who are working hard to make the annual convention successful. I request you to extend your help and support to the convention team. Also, if you have not registered please consider doing so early, and sign up your child(ren) for different programs (deadline is April 30th).

OSA has come up with 4th Volume of Champu Chhanda and Odissi karaoke CD recorded by 3 artists. We want to thank Mrs. Lata Mishra for her help with the production of this set and Drs. Uma and Shanti Mishra for sponsoring this production. If you are interested to get a copy please contact Mrs. Lata Mishra @ lata.misra.us@gmail.com.

You must have received an email to verify your details under OSA records and possibly provide a secondary e-mail for other OSA member in your family (if applicable). Your response is crucial. The success of this campaign will determine how we are going to implement eVoting for 2017. We know that the expectation for everyone to have an email especially for senior members may not be practical.

I want to thank you all for your help, support and best wishes for this organization. Let's make OSA a the reflection of our dream of Odisha and move forward along the vision and path shown to us by the founders like Utkalsa Gouraba Madhusudan Das, Utkalmani Gopabandhu Das, Vysa Kabi Fakir Mohan Senapati, Swabhab Kabi Gangadhar Meher and other visionaries.

Kind regards,

**Sushant Satpathy**
**President,**
**The Odisha Society of the Americas**

## Vice President's Message



Dear Friends:

**Namaskar !**

Finally, I can say that winter is gone and spring is here. When I say this, I feel like a child in me coming out to enjoy the beautiful temperate warm weather. With weather like this, what else we want? If you have time, please go out, take a stroll and enjoy the sunshine. Enjoy your life for a moment. Spring brings colorful holidays like Holi. I know some of you celebrate Holi. Is it not all about celebrating life? I wish you a happy prosperous life and Happy Holi.

Soon, some of our chapters will also be celebrating *Utkala Dibasa*, the day Odisha become a separate state. April 1st 1936 was a memorable day for all Odias. It was all due to the hard work and sacrifice of the legends like Fakir Mohan Senapati, Pandita Gopabandhu Dash, and Barrister Madhusudan Dash. Then, Odisha became a separate state with six districts and now it has grown to thirty districts. We, Odias have our own identity. Our mother tongue Odia has been recognized as one of the prime and ancient languages in India.

Outside Odisha, we have also kept our own identity in USA. Here, we celebrate our culture, heritage and our language even though we are far away from our motherland. This reminds me of our upcoming 47th annual OSA Convention to be held in Rode Island from July 1st through July 3rd, 2016. OSNE Chapter is actively working under the leadership of Dr. Sourya Mohapatra along with its volunteer members to host another great convention. So far more than two hundred families have registered and it is growing. The Convention team is in the process of inviting great artists from Odisha. A *Chhau* dance group from Odisha has been approved and sponsored by ICCR (*Indian* Council for Cultural Relations) for the first time to perform in our Convention. The plan is to entertain you. I am taking this opportunity to invite you all to attend this Convention to enjoy amongst ourselves, our friendship, our culture and our heritage. So please register as soon as possible if you have not done so.

With the help of our Guest Selection Committee we have a short list to invite our Chief Guest/Speaker and another guest to receive our LTA (Life Time Achievement) award. If they

agree, we will have two outstanding champions of our motherland, to speak, to inspire and to motivate us.

Our Award committee under the leadership of Mrs. Anjana Chowdhury, Mrs. Eva Mohanty, Mrs. Swapnalata Ratha is working to get the nominations to award some of our fellow members who have achieved tremendous success in their lives and it should be our pleasure to recognize them. So, I request you all to nominate your fellow members and check it out at

http://www.odishasociety.org/osa-awards

for more information. The deadline is March 31st 2016.

There is another deadline coming up to showcase your own creative literary talents by sending your articles for the Convention Souvenir "Urmi" by emailing to: souvenir@osa2016.org by April 15th 2016.

Until next time…!

**Sulochana Patnaik**
**Vice president**
**OSA**
**vicepresident@orissasociety.org**



## Secretary's Message



**Namaskar,**

Happy spring 2016! I would like to briefly share some of the update for first quarter of 2016 to all OSA members. Last 3 months have been very busy and eventful for OSA in terms of 2015 convention closing, upcoming 2016 convention preparations/updates, New OSA Member directory roll out, new Seattle chapter formation etc…

In January Debasish Panda joined BOG as president from Chicago chapter. In February Amulya Das joined BOG as president of newly formed Seattle Chapter. Canada, Ohio, Southern, Michigan, and MD/VA chapters celebrated/celebrating various events around Utkal Dibasa. News/Updates from, OSA public Library Open Forum and Adopt-a-village program have been uploaded to OSA website.

On Dec 22nd a meeting was held in Utkal University where 8-9 academicians from USA joined with departments heads of Utkal University. It was decided to form a coordination committee with 2 faculty members and few OSA Education Committee members. Two possible collaboration projects were identified 1. University of California (riverside) and South Dakota University. Members of committee from Utkal University will communicate and identify possible collaboration by reviewing the match between 2 US institutions and that of UU. Also, it was decided the coordination committee will communicate the visit of Academicians and Professionals and arrange interaction with faculty and students.

As always, we conduct the monthly BOG meeting among chapter presidents and OSA executives every second Sunday at 7:30pm ET. We have already posted Jan – Dec 2016 minutes of the meeting in OSAnet. Below are the links to the minutes..

http://www.odishasociety.org/wp-content/uploads/2016/02/2016_JAN_BOG_minutes.pdf

http://www.odishasociety.org/wp-content/uploads/2016/02/2016_FEB_BOG_minutes.pdf

http://www.odishasociety.org/wp-content/uploads/2016/04/2016_MAR_BOG_minutes.pdf

Again I would like to request every one of you to stay actively engage in our OSA family activities and helps us to grow as a community. Please keep visiting our OSA web site http://www.odishasociety.org for update to information about our various activities, newsletter Utkarsa, monthly Board Of Governance (BOG) meeting minutes, yearly general body meeting minutes and many more. The Chapter and committee pages have been updated latest information. If you want to contact the executives or any chapter representatives you can also find the contact information.

**I strongly encourage and request all members to update their spouse's email id and verify the address on OSA directory. Updating Spouse's email ID will help us to go for eVoting in next OSA election.**

If you have any suggestions or feedback, please contact me at saradapanda@hotmail.com or at secretary@orissasociety.org


**Saradakanta Panda**

**Secretary**

**OSA**




**Treasurer's Message**



**Dear Friends,**

It is time again to provide an update of our achievements in the first quarter of 2016. Some of the highlights of the achievements are:

- OSA Directory was released in the last part of 2015 and did not have chapter affiliation information of the members. The application was upgraded to support chapter affiliation.

- We requested all the members to validate and update the OSA Directory with their information. Lot of our members updated their information.

- Signators and office bearer information of our Bank account in Bhubaneswar has been changed to the new OSA officials.

- TD Ameritrade account information has been successfully updated to the new OSA Executive group.

- Final payments have been sent to the artists performed in 2015 Convention.

- Long Term Investment: In Nov. 2014 OSA funds were invested for long term growth. In the first quarter the money grew by $4,705.55 and the investment value as of 3/31/2016 was $162,130.35.

- Emergency Relief Fund: With the generous donation from our fellow members, the balance as of 3/31/2015 was $16,623.12.

**Siddharth Behera**
**Treasurer**
**OSA**
**treasurer@orissasociety.org**



# HONOUR

ଆମେରିକୀୟ ଓଡ଼ିଆ ସମାଜ

ଉତ୍କର୍ଷ : ସଂଖ୍ୟା – ୫୬ : ମାର୍ଚ୍ଚ ୨୦୧୬ || UTKARSA : VOLUME – 56 : MARCH-2016

# We are proud of…



## Braja Das

**OSA Life Member and Dean Emeritus**

For

First Distinguished Alumni Award

from

VSSUT/UCE

Burla

The First Distinguished Alumni Award was given by Governor of Odisha in the November convocation held in Burla, Sambalpur, Odisha. Veer Surendra Sai University of Technology (VSSUT) became a unitary university in 2012. University College of Engineering was established in 956 in Burla.

Professor Das graduated from UCE Burla in 1963 with a Bachelor's degree in Civil Engineering. He received his MS from the University of Iowa, and his Ph.D. in Geotechnical Engineering from the University of Wisconsin, Madison. Prof. Das is the author of several geotechnical texts and reference books including *Principles of Geotechnical Engineering*, *Principles of Foundation Engineering*, and *Principles of Soil Dynamics*, all published by Thompson Learning. He has authored more than 200 technical papers in the area of geotechnical engineering. His primary areas of research include shallow foundations, earth anchors, and geosynthetics.


Prof. Das served on American Society of Civil Engineers' (ASCE) Shallow Foundations Committee, Deep Foundations Committee, and Grouting Committee. He was also a member of ASCE's editorial board for the Journal of Geotechnical Engineering. He is the founder of the Geotechnical Engineering Division of the International Society of Offshore and Polar Engineers (ISOPE), and has served as an associate editor ISOPE Journal. He served on the editorial board of the journal Lowland Technology International, published in Japan. Prof. Das was the co-editor of *Geotechnical and Geological Engineering* – an International Journal published in the Netherlands. He was the Chair of the Committee on Chemical and Mechanical Stabilization of the Transportation Research Board of the National Research Council of US (1995-2001).

Prof. Das has received numerous awards for teaching excellence, including the AMOCO Foundation Award, AT&T Award from the American Society for Engineering Education, the Ralph Teeter Award from Society of Automotive Engineers, and the Distinguished Achievement Award from the University of Texas at El Paso.

Prof. Das served as the Dean of the College of Engineering and Computer Science at California State University, Sacramento, CA during 1994-2006. After retirement, he lives with his wife Janice near Las Vegas, Nevada. His only daughter Valerie lives in Minneapolis with her family. Prof. Das is originally from Sunhut, Balasore.

We thank **Raghu Das** bhai for this message of honour…!!!

# CHAPTER
## REPORTS




ଆମେରିକୀୟ ଓଡ଼ିଆ ସମାଜ

# CALIFORNIA

**Chapter Report**

## Celebration of Utkala Dibasha
## &
## Birth Centenary of Sachi Routray
## in
## Bay Area, California

The Odias of Silicon Valley Bay Area, California, celebrated the Odisha/Utakala Dibasha and 100th Birth Centenary of eminent Odia writer Sachi Routaray on April 17, 2016, under the leadership of iGurukul organization. This celebration was attended in very large number by local Odia community members. A variety of handicrafts, tarakasi work, pattachitra, sarees and other famous workmanship from Odisha were displayed with traditional decoration including muruja.

The celebration started with the lighting of the lamp for the Lord of the Universe, Lord Jagannatha, by our chief guest Mr. K. Venkata Ramana (Consul, India's Community Affairs,, Information and Culture) followed by talks by Manoj Joshi and Mita Moharana, highlighting various aspects of Odisha in the context of India and the World. This included brief information about people of Odisha, its culture and languages, history of Odisha, ancient root of India's classical dance Odissi, craftsmanship and trade, modern Odisha and information technology, personalities of Odisha who have made it proud throughout the world and much more. Manoj Joshi emceed the program.

The Chief Guest Mr. R. Venkata Ramana spoke about his memories of Odisha, the significance of, Odisha and its people, in India, California and the World. He spoke about how the Odia people can contribute to promote India in Calfornia and USA by showcasing its rich culture and heritage. He also spoke about providing any kind of help that the Consulate in San Francisco can provide the Odia people residing in California. He was very impressed with the display Odishan craft and the organization of such a program.

Ayetra Sarkar (student of iGurukul) spoke eloquently on Odisha in English, while Fiona, Tamanna, Megha, Kavya and Shreyansh spoke proudly on different aspects of Odisha in flawless and fluent Odia

This was followed by a cultural program that included two exquisite items from the Odissi repertoire - Stayee and Vasanta Pallavi, both originally choreographed by Guru Pankaj Charan Das, locally directed by Gayatri Joshi, and performed by local Bay Area children. Stayee was performed by Tamanna, Maya, Arya, Fiona, Elena,Anusha and Ayetra; while, Vasanta Pallavi was performed by Megha and Aishani.

The whole audience started swinging and clapping to the Odia songs sung by Anup Nayak, Achyuta Acharya and Smita Lenka.

Finally, the climax was when the audience couldn't resist joining in the hit Samblapuri folk dance (Hai Krushna) performed by Fiona, Elena and Tamanna.

No Odia program is complete without the great Odia food! The organizers were well prepared with a planned "Odia Food Festival." Name any Odia dish and it was there for the people to enjoy - from Dalama to Santula, Dahi Bara/Alu Dum to Bara-Piyazi, poda pitha to Pahala rasagola and on and on and on.... This was a stomach-bursting adventure!

After such a heavy lunch, it was surprising that people were still ready to participate in Odia Quiz Competition. For children there a quiz competition based on Odisha. Six teams participated with full attention and answered questions that some adults could have failed. A total of 24 questions were asked verbally (+2 points for correct answer and -1 point for wrong answer.) Rishav and Ayetra were runner-up (8 points) and, Kavya and Megha were the winners (21 points). The adults were given a crossword with 32 words and clues. Kishore and Achyuta were the runner-up (24/32 in 50 mins) and, Biswajit Sahoo & Gyana Patra were the winners (24/32 in 35 mins.) Congratulations to the winners! (The quiz and crossword were prepared and conducted by Twisampati Mitra)

Mita Moharana spoke about the works of Sachi Routray and his contribution to Odia

Literature on the occasion of his 100th Birth Anniversary.

This was followed by impromptu songs and speeches because people simply were not ready to leave yet.

Manoj Joshi read a message from Bhagavan Prakash, "Mo Swapnara Odisha."

Jnan Dash spoke about Odisha and why we should be proud of being Odia. He reminisced about how the Odia community had grown from only a handful of people in bay area to about a thousand people now. He also lauded the efforts of iGurukul in not just starting the organization to continue the Odia tradition, culture and language here, but also, for being able to sustain for nearly 20 years now.

Finally, the program was concluded by a Vote of Thanks by two of the leaders of iGurukul - Kuku Das and Gayatri Joshi.

What a day!

**Twisampati Mitra**

twimit99@yahoo.com



# CHICAGO

**Chapter Report**

**Hand in Hand Fund Raiser for Odia Children**

Dear Odias of Greater Chicago Area,

Hand In Hand, a Chicago suburb based organization whose primary goal has been to educate the poorest of poor Odia children will be hosting it's 14th Annual Fundraiser on the 23rd of April, Saturday (this month). Please find attached an invitation indicating the time and location of the event. I am slightly delayed in sending you this invitation, as I had been away in Odisha for most of March and had the opportunity to visit the school in Arua village, Patamundai again.

Currently, we have 480 students admitted at various classes, boys and girls in equal numbers. This year we will have our first batch graduating 10th grade of 30 students, where after either they will go into higher studies or get engaged in training in various technical trades. We had the opportunity to interview most of these kid and they are truly an outstanding bunch. They have come a long way from where that all started. Without the free education at this school, most would have ended up as social discards, beggars, thieves or prostitutes. Odisha is better place now that we have educated these children. I have attached two pictures, first and tenth grade children. Most of these children are from Kalahandi, Bolangir, Koraput and Kendujhar districts

Each one of you that have contributed to this cause in the past should be proud that you have a difference in a small child's life. Apathy and indifference towards the poor children of Odisha is not an option available to the Odia community in US.

I invite each of you to come and enjoy the dinner and music show that evening, and more importantly show that you care for the Odia children. I would appreciate if you would either

respond to this email or call me (630) 961-5934 to give me head count for the dinner.





Please do not hesitate to send in a contribution (tax deductible) if you are not able to come for the fundraiser event.

Thank you.

Usha and Mihir Dash

**mihirdash@yahoo.com**

# NEW YORK
# NEW JERSEY

**Chapter Report**

## Winter Mentorship Event

Our OSA NYNJ Kids organized the 2016 Mentorship event on January 3, 2016 at 1pm at the STEAM Studio Works at the Forrestal Village in Princeton (135 Village Blvd, Princeton, NJ 08540) under the leadership of Somna Pati, Shameek and few more mentors from our society under the support structure of Management team. The kids built soft toys and other donation items to give to The Children's Hospital of Philadelphia (CHOP). It helps develop compassion at the tender age of their life to contribute to other communities while enriching our own!

In addition to this activity, many high school seniors and fresh entrants to college shared their experience of the importance of mentor on their life and careers.








# Maa Saraswati Puja




In spite of the bitter cold and early snow flourish, there was a large gathering for Maa Saraswati Puja on February 13th 2016 at the Balaji Temple Auditorium, Bridgewater. Around 200 members (80 families) some from as far as Upstate New York and many new members joined us. We welcome them with open arms and heart to our community. Thanks to all participants for their excitement, devotion, commitment and keeping our community vibrant. Our volunteers/organizers were standby in each and every section of this event and did a wonderful job. Our women volunteers were in full spirit in preparing Bhoga/Prasad, in decoration, in kitchen and getting our kids ready. Kids participated in poster exhibition demonstrating significance of various Deities, reciting devotional songs, prayers, decorations, and puja. Some kids demonstrated their experience of learning to speak Odia (Aame Odia Kahu).

Like previous years, this year's puja was performed by Priest Pitambar Sarangi and Rabi Tripathy. There was Aarati followed by Pushpanjali with the chanting of Saraswati Vandana. School kids enthusiastically participated in the coconut breaking. Young kids participated in Khadi Chhuan Ceremony.

This was a true all-hand-effort in display to execute it successfully thanks to the efforts of all volunteers, organizers, and participants.

# Maa Saraswati Puja

















## Kids Volunteering Event

Around 15 High School and Middle School kids from our NY/NJ chapter made our community proud by helping at the Community Food Bank at Hillsdale, NJ on March 19 2016.





# TORONTO

**Chapter Report**

## Sahitya Pathachakra 2016

We had our Sahitya Paathachakra organised successfully today.

Kudos to the efforts of Sumitra Padhee for making more than 20 of our next generation Canadian Odias to deliver Odia speech so fluently. And of course their parents deserve a salute.

Thanks to Hara Bhaina, Bhabani bhaina, Amitabh and other volunteers for decoration and stage arrangement. Thanks to Debasmita and her team who organized the drawing competition for kids and snacks for all. No words of gratitude will be enough for Jyoti and Kabita who were behind the screen, however made the whole event possible.

The Sahitya Paathachakra was in four phases.

The first phase was about Odisha Divasa. Niranjan Mishra, Sumitra Padhee spoke in details about the history and origin of formation of the state Odisha. Niyati Mohanty spoke about the contribution of Mayurbhanj to Odisha. Amitabh Mohanty overwhelmed us with his brilliant extempore speech.

The second phase was a unique one. More than 20 children spoke fluently in Odia about the heroes of Odisha. Well prepared, confident and no stage consciousness. We must feel proud for our little dear ones.

Both the phases were managed by Niranjan MIshra and he deserves a special thanks for coming from Sudbury and taking all these initiative.

The third phase was on the life and works of one of the great sons of Odisha Sri Ramachandra Mishra, most widely known as Faturananda. Tanmay Panda, Gagan Panigrahi

Aryabala Nayak, myself, Parasara Mishra, Madhumita Das and Prasanta Bhunya spoke very comprehensibly about his works and his life. Thanks to Tanmay Panda for managing this phase.

The last phase and the most popular was the recital of self written poetry by our own members. We have so many and so much talent!! Brilliant. Rabindra Sabat, Srimanta Mohanty, Mitali Das, Parasara Misra, Tanmay Panda, Gagan Panigrahi….. list could have been still longer if we have time. Could you believe a program that lasted for more than four hours. Thanks Parasara babu for managing this phase so orderly.

Thanks to all attendees, thanks to Abani for taking the video and also thanks to all volunteer photographers. I expect all photos to be sent to Rajesh Nayak (rajesh@nayak.ca) for being uploaded in CANOSA website.

After today's event the feeling is ODIA will never die as a language.

Long live Odia. Jai Jagannatha.

**Sunanda Mishra Panda**

Convener,

Sahitya Paathachakra 2016




ଓଡ଼ିଆ
©
BHUNYASWORLD
ଆମେରିକୀୟ ଓଡ଼ିଆ ସମାଜ

# ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା

## ସଚ୍ଚି
## ରାଉତରାୟ



( ୧୩ ମଇ ୧୯୧୬ – ୨୧ ଅଗଷ୍ଟ ୨୦୦୪)

## ଉତ୍କର୍ଷର
## ସଶ୍ରଦ୍ଧ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି...!!!

ଆମେରିକୀୟ ଓଡ଼ିଆ ସମାଜ



# ସଚ୍ଚିଦାନନ୍ଦ ରାଉତରାୟ

| ସଚ୍ଚିଦାନନ୍ଦ ରାଉତରାୟ | |
|---|---|
| ଜନ୍ମ | ୧୩ ମଇ ୧୯୧୬<br>ଗୁରୁଜଙ୍ଗ, ଖୋର୍ଦ୍ଧା ଜିଲ୍ଲା, |
| ମୃତ୍ୟୁ | ୨୧ ଅଗଷ୍ଟ, ୨୦୦୪ (୮୮ ବର୍ଷ) |
| ଭାଷା | ଓଡ଼ିଆ ଭାଷା |
| ଆଞ୍ଚଳିକତା | ଓଡ଼ିଆ |
| ନାଗରିକତା | ଭାରତୀୟ |
| ଶିକ୍ଷାନୁଷ୍ଠାନ | ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟ |
| ପୁରସ୍କାର | ପଦ୍ମଶ୍ରୀ, ଜ୍ଞାନପୀଠ ପୁରସ୍କାର |

**ସଚ୍ଚିଦାନନ୍ଦ ରାଉତରାୟ** (୧୩ ମଇ ୧୯୧୬ - ୨୧ ଅଗଷ୍ଟ ୨୦୦୪) ଜଣେ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ । 'ମାଟିର ଦ୍ରୋଣ', 'କବିଗୁରୁ', 'ମାଟିର ମହାକବି', 'ସମୟର ସଭାକବି' ପ୍ରଭୃତି ବିଭିନ୍ନ ଶ୍ରଦ୍ଧାନାମରେ ସେ ନାମିତ । ପ୍ରାୟ ୭୫ବର୍ଷର ସାହିତ୍ୟ ବର୍ଷର ସାହିତ୍ୟ ସାଧନା ମଧ୍ୟରେ, ସେ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ ଲେଖନୀ ଚାଳନା କରିଯାଇଛନ୍ତି । ଓଡ଼ିଆ ସାହିତ୍ୟରେ "ଅତ୍ୟାଧୁନିକତା"ର ପ୍ରବର୍ତ୍ତନର ଶ୍ରେୟ ସଚି ରାଉତରାୟଙ୍କୁ ଦିଆଯାଏ । ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ଚାଳିଶରୁ ଅଧିକ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଲେଖାଲେଖି ପାଇଁ ୧୯୮୬ରେ ଭାରତ ସରକାରଙ୍କଠାରୁ ଜ୍ଞାନପୀଠ ପୁରସ୍କାର ପାଇଥିଲେ ।

## ପ୍ରାରମ୍ଭିକ ଜୀବନ

ରାଉତରାୟ ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗଠାରେ ୧୩ ମଇ ୧୯୧୬ରେ ଜନ୍ମଗ୍ରହଣ କରିଥିଲେ । ଚାଟଶାଳୀରେ ପଢିବା କାଳରେ ସେ ସ୍ୱାଧୀନତା ଆନ୍ଦୋଳନରେ ବି ଝାସ ଦେଇଥିଲେ । ଫିରିଙ୍ଗି ସରକାର ବିରୋଧରେ ଲଢି, ସେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡିତ ହୋଇଥିଲେ ଓ ତାପରେ ତାଙ୍କର ପିଲାବେଳ କଟିଥିଲା ବଙ୍ଗପ୍ରଦେଶରେ ।[୩] ଏଗାର ବର୍ଷ ବୟସରୁ ରାଉତରାଏ କବିତା ଲେଖା ଆରମ୍ଭ କରିଥିଲେ । ସ୍ୱାଧୀନଚେତା ଲେଖା ପାଇଁ ତାଙ୍କର ଦୁଇଟି କବିତା ୧୯୩୯ରେ 'ରକ୍ତଶିଖା'ଓ ୧୯୪୩ରେ 'ଉଠ ଜାଗ ଭୋକବନ୍ଦୀ'କୁ ଫିରିଙ୍ଗି ମାନେ ଲୋକଙ୍କ ପାଖରେ ପହଞ୍ଚିବାରୁ ରୋକି ଦେଇଥିଲେ । '୧୯୩୮ରେ ତାଙ୍କର କାବ୍ୟ 'ବାଜି ରାଉତ'କୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ 'ନାଉରିଆ ପିଲା ଓ ଅନ୍ୟାନ୍ୟ କବିତା' ମର୍ମରେ ଅନୁବାଦ କରିଥିଲେ । ଏହାର ପ୍ରକାଶନ ପରେ ସଚି ରାଉତରାୟ ଭାରତର ଜଣେ ଜଣାଶୁଣା କବି ଭାବେ ପ୍ରତିଷ୍ଠିତ ହୋଇଥିଲେ । ରାଜନୈତିକ ଚରମପନ୍ଥୀ ଥିବାରୁ ରେଭେନ୍ସା ମହାବିଦ୍ୟାଳୟର ତତକାଳୀନ ଅଧକ୍ଷ ପ୍ରାଣକୃଷ୍ଣ ପରିଜା, ରାଉତରାୟଙ୍କୁ ରେଭେନ୍ସା



ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭରୁ ବଞ୍ଚିତ କରିଥିଲେ । ଗୋଳାପଲିର ଜଣେ ତେଲୁଗୁ ରାଜଜେମାଙ୍କୁ ସେ ବିଭା ହୋଇଥିଲେ । ସ୍ୱାଧିନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ ।

ସେ କଟକ ଠାରେ ୨୧ ଅଗଷ୍ଟ ୨୦୦୪ରେ ଦେହତ୍ୟାଗ କରିଥିଲେ ।

## ରଚନାବଳୀ

୧୯୨୮ ମସିହାରେ ମାତ୍ର ୧୫ ବୟସରୁ ଆରମ୍ଭ ହୁଏ ସଚ୍ଚି ରାଉତରାଏଙ୍କ କବିତା ରଚନାର ଉନ୍ମେଷ ପର୍ବ । ମାତ୍ର ୧୭ ବର୍ଷ ବୟସରେ 'ନବୀନ' ପତ୍ରିକାରେ 'ଭଗବନ ଅଛ କାହିଁ' ପ୍ରଥମ ପ୍ରକାଶିତ କବିତାରୁ ତାଙ୍କର ସାମ୍ୟବାଦୀ ବୈପ୍ଳବିକ ମାର୍କ୍ସୀୟ ଚେତନାର ପ୍ରାଥମିକ ଆଭାସ ମିଳେ ଏହି କବିତାଟି ଅଭିଯାନ କବିତା ଗ୍ରନ୍ଥରେ ସଂକଳିତ ହୋଇଛି । କବିତାର ଏକ ନୂତନ ଛନ୍ଦର ଐତିହାସିକ ପ୍ରୟୋଗ ସମ୍ପର୍କରେ 'ପାଂଡୁଲିପି (ପାଣ୍ଡୁଲିପି) କବିତା ଗ୍ରନ୍ଥର 'ନାନ୍ଦୀମୂଖୀ'ରେ ସେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ୧୯୪୩ ରେ କବିଙ୍କ "ବାଜି ରାଉତ" କବିତା ମାଟି ମା ପାଇଁ ଜୀବନ ଦେବାକୁ ଅନେକ ଲୋକଙ୍କୁ ସ୍ୱାଧୀନତା ଆନ୍ଦୋଳନକୁ ଠେଲି ଦେଇଥିଲା I "ବାଜି ରାଉତ" ଏକ ନାଉରିଆ ପିଲାର ମାଟି ମା ପାଇଁ ବଳିଦାନର କଥା କହେ, ଯିଏ ନିଜ ଜୀବନକୁ ପଛରେ ପକାଇ ଫିରିଙ୍ଗିସେନାକୁ ମହାନଦୀପାରି ହେବାକୁ ଦେଇନଥିଲା । 'ପାଂଡୁଲିପି' ଓ 'ବାଜି ରାଉତ'ରେ ତାଙ୍କର ବିଦ୍ରୋହୀ ସ୍ୱର ଆହୁରି ଶାଣିତ କରିଛନ୍ତି I ପ୍ରତୀକ ଓ ଚିତ୍ରକଳ୍ପ ପ୍ରୟୋଗରେ କବି ପ୍ରୟୋଗିକ ନୂତନତା ଓ ଅପାରମ୍ପରିକ କଳାତ୍ମକ ବୌଦ୍ଧିକତା ଓଡ଼ିଆ କବିତାକୁ ଏକ ଭିନ୍ନ ବ୍ୟଞ୍ଜନାତ୍ମକତାର ସ୍ୱାଦରେ ସମୃଦ୍ଧ କରିଛି I କବିଙ୍କର କୋଡ଼ିଏ ସରିକି କବିତା ସଙ୍କଳନ ବାହାରିସାରିଛି I 'ଛୋଟ ମୋର ଗାଁଟି' ର ଭଙ୍ଗା ଡିହଠୁ ଦଙ୍ଗାବିଧ୍ୱସ୍ତ ନୂଆଖାଲିର ନକ୍ସା ବେଶ୍ ନିଖୁଣ ଭାବରେ ଫୁଟି ଉଠିଛି ତାଙ୍କ କବିତା ନଖଦର୍ପଣରେ - ଫୁଟି ଉଠିଛି ସମୟର ମୁହଁ - ରୂପ ରୂପାନ୍ତର ରଙ୍ଗବଦଳ । ଯେଉଁଠି 'ଅଳକା ସାନ୍ୟାଲ'ର ଶେଷ ପଂକ୍ତି ସରିଛି ସେଇଠୁ ଆରମ୍ଭ ହୋଇଛି - 'ପ୍ରତିମା ନାୟକ'ର ବାସ୍ତବ ଜୀବନ ଯୁଦ୍ଧ । ତାଙ୍କର *ପଲ୍ଲୀଶ୍ରୀ*, ଗାଉଁଲି ଜୀବନର କଥା କହେ । *ପ୍ରତିମା ନାୟକ* ଏକ ସହରିଆ ଝିଅର ବେଦନାଭରା ଜୀବନର ଗଳ୍ପ କହେ । ଲୋକଙ୍କର ଲେଖାଳି ଭାବେ ଜଣାଶୁଣା ଓଡ଼ିଆ ଲେଖାଳିମାନଙ୍କ ଭିତରୁ ସଚ୍ଚି ରାଉତରାଏ ହେଉଛନ୍ତି ଜଣେ । ଧର୍ମକୁ ନେଇ ବି ସଚ୍ଚି ରାଉତରାୟ କେତୋଟି କବିତା ଲେଖିଛନ୍ତି । ବହୁ କାବ୍ୟ କବିତା ଇଂରାଜୀ, ହିନ୍ଦୀ, ତେଲୁଗୁ, ଓ ପଞ୍ଜାବୀ ଭାଷାରେ ଅନୁବାଦ ହୋଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ଏକଦା ଛାତ୍ର ଆନ୍ଦୋଳନ ସମରେ ରେଭେନ୍ସା କଲେଜର ଛାତ୍ର ପ୍ରଦୀପ୍ତ ମିଶ୍ରଙ୍କ ନିଧନଜନିତ ସେ ଯେପରି ଲେଖିଥିଲେ 'ଚିରପ୍ରଦୀପ୍ତ', ସେହିପରି ଏକ ନୂତନ ଦେଶର ଗର୍ଭଯନ୍ତ୍ରଣାକୁ ନେଇ ୧୯୭୧ରେ



ଆରମ୍ଭ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମରେ ଆତ୍ମାହୁତି ଦେଇଥିବା ଛାତ୍ରୀ ରୋଶନାରା ପାଇଁ ରଚନା କରିଥିଲେ ତାଙ୍କର ଚିରଅମର ପଂକ୍ତିମାଳା – 'ମୁଁ ତା'ର ଶବକୁ ଧରି କାନ୍ଧେ ମୋର, କରୁଅଛି ବିଶ୍ୱ ପ୍ରଦକ୍ଷଣ !' ଜୀବଦ୍ଦଶାରେ କବି ରାଉତରାୟ ବାଂଲାଦେଶକୁ ଜଣେ ସାରସ୍ୱତ ରାଷ୍ଟ୍ରଦୂତ ଭାବରେ ଯାଇ ରୋଶନରା ସମ୍ପର୍କିତ ଏ କବିତାକୁ ପାଠ କରୁଥିବା ବେଳେ ପାଇଥିଲେ ପ୍ରଚୁର ଖ୍ୟାତି ।

ସଚ୍ଚି ରାଉତରାୟଙ୍କ ରଚିତ "ଭାତ" କବିତାରୁ ପଦେ :

“ ବଡ଼ ଭୋକ ବାବୁ!
ବଡ଼ ଭୋକ ଆଜି ଖାଇବାକୁ ଦିଅ ଭାତ;
ହକ ପାଉଣା ଗଣ୍ଡାକ ପାଇଁ କେତେବି ପାତିବୁ ହାତ ?
ଯେଉଁ ଧାନ ଆମେ ବୁଣିଲୁ କାଟିଲୁ ସେହି ଧାନ ଦିଅ ଆଣି;
ପୀଡିତ ଆତ୍ମା ଗର୍ଜି ଉଠଇ ଶୁଣ ତା' ବିପୁଳ ବାଣୀ । ”

ସଚ୍ଚି ରାଉତରାୟଙ୍କ ଦ୍ୱାରା ପ୍ରକାଶିତ ୩୧ ଖଣ୍ଡ ପୁସ୍ତକ ଯଥା ଖଣ୍ଡକାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ଆଲୋଚନା, ଏବଂ ଆତ୍ମଚରିତ ଦେଶବାସୀଙ୍କୁଭେଟି ଦେଇଛନ୍ତି ସେଗୁଡ଼ିକ ହେଲା :

## କବିତା ଗ୍ରନ୍ଥ

ପଥେୟ – ୧୯୩୧ (ପ୍ରଥମ କବିତା ଗ୍ରନ୍ଥ)

ଛୋଟ ମୋର ଗାଁଟି

ପୂର୍ଣ୍ଣିମା –୧୯୩୩

ଅଭିଯାନ – ୧୯୩୮ (୧୯୪୮ )

ପଲ୍ଲୀଶ୍ରୀ – ୧୯୪୧ (୧୯୪୦ )

ବାଜି ରାଉତ – ୧୯୪୧(ହରିନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା

The Boatman Boy and Forty other poems ନାମରେ ଇଂରାଜୀରେ ଅନୁବାଦିତ)

ପାଣ୍ଡୁଲିପି – ୧୯୪୭

ଅଭିଜ୍ଞାନ – ୧୯୩୮



ହସନ୍ତ - ୧୯୪୮

ଭାନୁମତୀର ଦେଶ - ୧୯୪୯

ରକ୍ତଶିଖା - ୧୯୪୯

ସ୍ୱାଗତ - ୧୯୫୮

କବିତା ୧୯୬୨ - ୧୯୬୨

କବିତା ୧୯୬୯- ୧୯୬୯

କବିତା ୧୯୭୧ - ୧୯୭୧

କବିତା ୧୯୭୪ -୧୯୭୪

କବିତା ୧୯୮୩ -୧୯୮୩

କବିତା ୧୯୮୫ -୧୯୮୫

କବିତା ୧୯୮୭ -୧୯୮୭

କବିତା ୧୯୯୦ -୧୯୯୦

## କ୍ଷୁଦ୍ର ଗଳ୍ପ

ମଶାଣିର ଫୁଲ

ମଲ୍ କଣ୍ଢେଁ

ଆଙ୍ଗୁଠି

ମାଟିର ତେଜ

ହାଟର କାହାଣୀ

ମାଙ୍କଡ ଓ ଅନ୍ୟାନ୍ୟ ଗଳ୍ପ

ରାଜା ପୁଅ

ଛାଇ -୧୯୪୮

ନୂତନ ଗଳ୍ପ -୧୯୯୦



## ଉପନ୍ୟାସ

ଚିତ୍ରଗ୍ରୀବ - ୧୯୩୫

(ଏକ ନାୟିକାବିହୀନ ଉପନ୍ୟାସ ଏବଂ ଏଥିରେ ବିଶେଷ କରି ମାର୍କ୍ସବାଦର ସେ ବିଶ୍ଲେଷଣ କରିଛନ୍ତି)

ତଳେ ମାଟି ଉପରେ ଆକାଶ

ସାଗର ତଳର ଢେଉ

## ସମାଲୋଚନା

ସାହିତ୍ୟରେ ମୂଲ୍ୟବୋଧ -୧୯୭୪

ସାହିତ୍ୟ ବିଗ୍ରହ ଓ ମୂଲ୍ୟବୋଧ -୧୯୮୩

ଆଧୁନିକ ସାହିତ୍ୟର କେତୋଟି ଦିଗ -୧୯୮୩

## ଆଲୋଚନା

ଜୟଦେବ ଓ ରାମାୟଣ ବନାମ ମହାଭାରତ

## ଆତ୍ମଚରିତ

ଉତ୍ତରକକ୍ଷ (ପ୍ରଥମ ଭାଗ) ଆତ୍ମଚରିତ -୧୯୯୮

ଉତ୍ତରକକ୍ଷ (ଦ୍ୱିତୀୟ ଭାଗ) ଆତ୍ମଚରିତ - ୨୦୦୦

ଦିଗନ୍ତ ପତ୍ରିକା

## ସମ୍ମାନ ଓ ପୁରସ୍କାର

୧୯୬୨ରେ ପଦ୍ମଶ୍ରୀ ]

କବିତା-୧୯୬୨ ପାଇଁ ସାହିତ୍ୟ ଏକାଡେମି ପୁରସ୍କାର

ସୋଭିଏତ ଲ୍ୟାଣ୍ଡ ନେହେରୁ ପୁରସ୍କାର, ୧୯୬୫

୧୯୮୬ରେ ଜ୍ଞାନପୀଠ ପୁରସ୍କାର

ମହାକବି ସମ୍ମାନ

ସମ୍ମାନନୀୟ ଡକ୍ଟରେଟ - ୧୯୯୮

## ( ଉଇକିପିଡ଼ିଆରୁ ସଂଗୃହୀତ )

# ସାହିତ୍ୟ ପାଠଚକ୍ର ୨୦୧୬

## ଫତୁରାନନ୍ଦ ଶତବାର୍ଷିକୀ ସ୍ୱତନ୍ତ୍ର

କାନୋସା

ବୈଷ୍ଣୋଦେବୀ ମନ୍ଦିର ସଭାଗୃହ

ଓକ୍‌ଭିଲି – ଟରୋଣ୍ଟୋ

ଶାରଦୀୟ ଋତୁରେ ମୁଜାହିର୍‌ନାମା ପଢ଼ିଲା ସମୟରେ ଯେତେବେଳେ ଗାଁ କଥା ମନେ ପକାଉଥିଲି ଏଇ କେଇପଦ କଲମ ମୁନରେ ଗାରେଇ ଦେଇଥିଲି ମୋ ଗ୍ରେରୁଦା କବିତାରେ...

ବୋହୂକୁ ଆଣିଲି ବୋଉକୁ ଛାଡ଼ିଲି ଛାଡ଼ିଲି ମୋ ଗାଁ ମାଟି
ଜଣକୁ ଆଣିଲି ଛାଡ଼ିଲି ପଣକୁ ଛାଡ଼ିଲି ମୋ ଘର ଘାଟି;
ମୁନାକୁ ଆଣିଲି ଛାଡ଼ିଲି ଖେଳଣା ଛାଡ଼ିଲି ପଣତକାନି
ଫୁଲ ମୁଁ ଆଣିଲି ଛାଡ଼ିଲି ବଗିଚା ଛାଡ଼ିଲି ଯେ ନଈପାଣି;
ଝିଅକୁ ଆଣିଲି ଛାଡ଼ିଲି ଓଢ଼ଣୀ ଛାଡ଼ିଲି ବିନ୍ଦି ଅଳତା
ଦେହକୁ ଆଣିଲି ଛାଡ଼ିଲି ମୋ ପିଣ୍ଡ ଛାଡ଼ିଲି କେତେ ଯେ କଥା;
ଆଶୀଷ ଆଣିଲି ଛାଡ଼ିଲି ଦେବତା ଛାଡ଼ିଲି ବନ୍ଧୁ କୁଟୁମ୍ବ
ପେଟକୁ ଆଣିଲି ଛାଡ଼ିଲି ଅବଢ଼ା ଛାଡ଼ିଲି ପଣସ ଆମ୍ବ;
ଉପାଧି ଆଣିଲି ଛାଡ଼ିଲି ପୁରାଣ ଛାଡ଼ିଲି ଚମ୍ପୁ ଓ ଛାନ୍ଦ
ବାହୁନା ଆଣିଲି ଛାଡ଼ିଲି ସେନେହ ଛାଡ଼ିଲି ସରାଗ ଦ୍ୱନ୍ଦ;

ଏମିତି କେତେ ଯେ ଓଡ଼ିଆ ଭାଇଭଉଣୀ ଏଇ ଭାବନାରେ ହଜି ଯାଆନ୍ତି ଯେତେବେଲେ ମନେ ପଡ଼େ ଓଡ଼ିଶା; ଆମ ଜନ୍ମଭୂମି । ସାତ ସମୁଦର ତେର ନଈ ଏଇ ପାରିରେ ରହିଥିଲେ ମଧ ମନଟା ଓଲେଇ ଗାଈ ପରି ଧସେଇ ପଶିଯାଏ ସେଇ ଓଡ଼ିଶାରେ । ଆଉ ତାକୁ ଏଇ ଟରୋଣ୍ଟୋରେ କେତେ ଜଣ ସାହିତ୍ୟପ୍ରେମୀ ଶବ୍ଦସଂସାରକୁ ମାଧମ କରି ଝୁରି ବସନ୍ତି ଓଡ଼ିଆ ସାହିତ୍ୟ ସଂସାରକୁ । ସବୁ ବର୍ଷ ସାହିତ୍ୟ ପାଠଚକ୍ର ଆୟୋଜନ ହୁଏ ଆଉ ସାହିତ୍ୟପ୍ରେମୀ ଗଣ ସାହିତ୍ୟର ଫଗୁଣରେ ରଙ୍ଗେଇ ହୁଅନ୍ତି ଶବ୍ଦହୋଲି ସହ । ସେଇ ଭଳି ଏକ ସାହିତ୍ୟ ପାଠଚକ୍ର ଗଲା ମାସ ୨୫ ତାରିଖରେ ବୃହତ୍ତର ଟରୋଣ୍ଟୋ ଅଞ୍ଚଳର ଓକ୍‌ଭିଲି ସ୍ଥିତ ବୈଷ୍ଣୋଦେବୀ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ସାହିତ୍ୟ ଜଗତର ବ୍ୟଙ୍ଗ ଯୁଗପୁରୁଷ ଫତୁରାନନ୍ଦଙ୍କୁ ଏଇ ସାହିତ୍ୟ ପାଠଚକ୍ର ଏକ ଶତବାର୍ଷିକୀ ସ୍ୱତନ୍ତ୍ର ସ୍ମୃତି ମାଧମରେ ଝୁରି ବସିଥିଲା । ନିଜ ନିଜ ବକ୍ତବ୍ୟ ସହ ସଭାଗୃହରେ ଫତୁରାନନ୍ଦଙ୍କ ରଚନା ସବୁ ଆଉଡ଼େଇ ଥିଲେ ସମସ୍ତ ସାହିତ୍ୟପ୍ରେମୀ ।

ସାହିତ୍ୟ ପାଠଚକ୍ରର ପ୍ରାରମ୍ଭରେ ଛୋଟଛୋଟ ପିଲ୍ମାନେ ଓଡ଼ିଶାର ମହାନ ଯୁଗପୁରୁଷଙ୍କ ଉଦ୍ଦେଶ୍ୟରେ ସଶ୍ରଦ୍ଧ ବକ୍ତବ୍ୟ ଦେଇଥିଲେ । ଏହା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଥିଲା । ପଶ୍ଚିମରେ ଜନ୍ମ ହୋଇଥିବା ଅଧିକାଂଶ ଏଇ ଛୋଟଛୋଟ ଶିଶୁ ବକ୍ତା କଥା ଓ କବିତାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସେମାନଙ୍କ ଶ୍ରଦ୍ଧା ଓ ଓଡ଼ିଆ କହିବାର ଆଗ୍ରହ ଅତୀବ ମଧୁର ଥିଲା ।




ଏଥୁଅନ୍ତେ ଫତୁରାନଙ୍କ ସ୍ମୃତିରେ ସାହିତ୍ୟ ଆଲୋଚନ ଆରମ୍ଭ ହୋଇଥିଲା । ଏହି ସଭାର ପରିଚାଳନା ପରାଶର ମିଶ୍ର ଏବଂ ତନ୍ମୟ ପଣ୍ଡାଙ୍କ ଅଧକ୍ଷତାରେ ଅତି ସୁରୁଖୁରୁରେ ହୋଇଥିଲା ।

ପ୍ରାରମ୍ଭିକରେ ତନ୍ମୟ ପଣ୍ଡା ଆଉଡ଼େଇଥିଲେ ୧୯୭୫ ମସିହାରୁ ନିଜର ଅଭିଜ୍ଞତା। ସେ କହିଥିଲେ, ଓଡ଼ିଶା ଲେଖକ ସାମୁଖ୍ୟର ସାହିତ୍ୟ ଅନୁରାଗ ହିଁ ତାଙ୍କୁ ଏଇ ସାହିତ୍ୟ ସଂସାରକୁ ଟାଣି ଆଣିଥିଲା । ତାପରେ ସେ ଲେଖିକା ସାହିତ୍ୟ ସଂସଦ  ପ୍ରତିଷ୍ଠା ପରଠାରୁ ସେ ଓଡ଼ିଶା ଛାଡ଼ି ଦେଇଛନ୍ତି ହେଲେ ସାହିତ୍ୟ ପ୍ରେମ ସେହି ଭଳି ରହିଛି । ୧୩ବର୍ଷରୁ ଫତୁରାନନ୍ଦ ପ୍ରଥମ ବହି ନାକଟା ଚିତ୍ରକର ଏକ ଅସହାୟ ମଣିଷର ଏକ ଅନିଚ୍ଛୁକ ସହିଷ୍ଣୁତା । ସେଥିରେ ସେ ଫତୁରାନନ୍ଦଙ୍କୁ ହି ଦେଖିଥିଲେ । ତାପରେ ମଙ୍ଗଳବାରିଆ ସାହିତ୍ୟ ସଂସଦ; ଏକଦମ୍ ହାସ୍ୟ ସମ୍ଭାରରେ ଭରପୂର ଏଇ ପୁସ୍ତକକୁ ସେ ମନ ଲଗାଇ ପଢ଼ିଥିଲେ। ସେଥିରୁ ସେ ପରିଚୟ ପାଇଥିଲେ ଫତୁରାନନ୍ଦଙ୍କର ରଚନାଶୈଳୀ ଓ ଲେଖକଙ୍କ ବାଗ୍ମିତା ଓ ଆତ୍ମବଡ଼ିମାର କଥା । ସେ କହିଲେ ଯେ ଏଇ କଥା ପଢ଼ିଛି, ଶୁଣିଛି ଓ ଶୁଣେଇଛି ସଭିଙ୍କୁ । ଫତୁରାନନ୍ଦଙ୍କ ଲେଖା ସମକାଳୀନ ଲୋକ ଓ ସମକାଳୀନ ଚିନ୍ତାଧାରାର ଏକ ବଳିଷ୍ଠ ଉପସ୍ଥାପନା । ବୃଦ୍ଧରୁ ବୁଦ୍ଧ ଚିତ୍ରର କଥାଟୁ ଆରମ୍ଭ କରି ଅନ୍ୟ ସବୁରେ ବ୍ୟଙ୍ଗରେ ରସୁଆଳ ।

ତାପରେ ଗଗନ ବିହାରୀ ପାଣିଗ୍ରାହୀ ନାକଟା ଚିତ୍ରକର ପୁସ୍ତକର ସମୀକ୍ଷା କରିଥିଲେ । ନିଜେ ଜଣେ ଚିତ୍ରକର ହୋଇଥିବା ହେତୁ ତାଙ୍କୁ ହୁଏତ ଏହି ଦାୟିତ୍ୱ ଦିଆଯାଇଛି ବୋଲି ଶଙ୍କା ହୋଇଥିଲା ତାଙ୍କୁ । ନାକଟା ଚିତ୍ରକରର ସୃଜନ ଓ ପ୍ରେମର ବିଶ୍ଳେଷଣକୁ ଅତି ନିଖୁଣ ରୂପେ ଚିତ୍ରିତ କରିଥିଲେ । ନାକଟା ଚିତ୍ରକରର ସଂଶୟ ଜନିତ ପ୍ରେମ ଆଉ କେମ୍ପା ଓ କାଲାର କଥା ସମୂହକୁ ନାଟକୀୟ ଢଙ୍ଗରେ ଉପସ୍ଥାପନା କରିଥିଲେ ।




ପରାଶର ମିଶ୍ର ଏହା ପରେ ଫତୁରାନନ୍ଦଙ୍କ ସୃଜନ ଶୈଳୀକୁ ଅତି ଚମତ୍କାର ଭାବେ ପ୍ରକାଶ କରିଥିଲେ । ନିଜେ ଫତୁରାନନ୍ଦଙ୍କୁ ମିଶିଥିବା ଅଭିଜ୍ଞତାକୁ ସାହିତ୍ୟପ୍ରେମୀଙ୍କ ସମ୍ମୁଖରେ ପରଶିଥିଲେ । ଫତୁର ହୋଇ ସୁଦ୍ଧା ଆନନ୍ଦ ସାଗରରେ ବୁଡ଼ି ରହିଥିବା ରାମଚନ୍ଦ୍ର ମିଶ୍ରଙ୍କ କଥା ସେ କହିଥିଲେ । କଳି କୃଷ୍ଣଙ୍କ କେଳି ଗୀତକୁ ଆବୃତ୍ତି କରିଥିଲେ । ଫତୁରାନନ୍ଦଙ୍କ କଟକିଆ ଲୌକିକ କଥନକୁ କିପରି ନିଜ ପୁସ୍ତକରେ ସେ ଉତାରି ଆଣିଥିଲେ । ଫତୁରାନନ୍ଦ, ଗାଈ କଥାକୁ କିପରି ଶାଣିତ ବ୍ୟଙ୍ଗରେ ରୂପାୟିତ କରିଥିଲେ ତାହା ବ୍ୟାଖ୍ୟା କରିଥିଲେ । ବ୍ୟଙ୍ଗକୁ ସମାଜ ସଂସ୍କାର ନିମନ୍ତେ ସେ ଏକ ଅସ୍ତ୍ର ରୁପେ ବ୍ୟବହାର କରି ପାରିଥିଲେ ଫତୁରାନନ୍ଦ ଓ ସିଦ୍ଧହସ୍ତ ଥିଲେ ମଧ୍ୟ । ଆର୍ଯ୍ୟବାଳା ନାୟକ ଫତୁରାନନ୍ଦଙ୍କ ଜୀବନରେ କାନ୍ତକବି ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ଅବଦାନ ବିଷୟରେ କହି ବୁଝାଇ ଥିଲେ । ଫତୁରାନନ୍ଦ, ଅନ୍ଧ ହୋଇଥିଲେ ମଧ୍ୟ ଡଗର ସହ ଜଡ଼ିତ ହୋଇ ବ୍ୟଙ୍ଗ ସାହିତ୍ୟ ସଂସାର ଓ ନିଜର ସୃଜନକୁ ସେ କିପରି ଶାଣିତ କରିଥିଲେ ତାହା ଉପସ୍ଥାପନା କରିଥିଲେ । ଗୋପୀନାଥ ମହାନ୍ତି କିପରି ଫତୁରାନନ୍ଦଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ ଏହା ସେ ସମସ୍ତଙ୍କୁ ବର୍ଣ୍ଣନା କରିଥିଲେ । କୁଙ୍କୁମ ପତ୍ରିକାରେ ବିଳାପ ସମଗ୍ର ପ୍ରକାଶ କରି କହିଥିଲେ ଯେ ତାହା କିପରି ପାଠକୀୟ ଆଦୃତ ହାସଲ କରିଥିଲା । ଗୋଦାବରୀଶ ମହାପାତ୍ରଙ୍କ ପରେ ଫତୁରାନନ୍ଦଙ୍କ ସାହିତ୍ୟ ସମାଜର ବିସ୍ମୃତତା ଓ ଲୋକପ୍ରିୟତା ଉପରେ ସେ ଆଲୋଚନା କରିଥିଲେ ।

ସୁନନ୍ଦା ମିଶ୍ର ପଣ୍ଡା ଏହା ପରେ ଫତୁରାନନ୍ଦଙ୍କ ବିଭିନ୍ନ ରଚନାକୁ ସାହିତ୍ୟପ୍ରେମୀଙ୍କୁ ଦେଖାଇଥିଲେ । ଭୋଟ ପୁସ୍ତକରେ ଫତୁରାନନ୍ଦଙ୍କ ଅନ୍ତର୍ଦୃଷ୍ଟି ଓ ଗଣତନ୍ତ୍ର ଉପରେ ନିଜର ରଚନାକୁ ଅକାଟ୍ୟ ଢଙ୍ଗରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ ଏହା କହିବାକୁ ଯାଇ ସେ ଓଡ଼ିଶାରେ ଢଗ "ଚଷା କି ଜାଣେ ପଶାର କଥା" ଓ ଭୋଟ ମାଗୁଥିବା ବେଳେ ଟାଉଟରଙ୍କ ଗୁମର କଥା କହିଥିଲେ । ୧୯୭୭-୧୯୮୦ର ରାଜନୀତି ଚର୍ଚ୍ଚା ଓ ସମାଲୋଚନ ବିଷୟରେ କହିଥିଲେ । ନିରପେକ୍ଷ ଆଲୋଚନା କରିବାରେ ଫତୁରାନନ୍ଦ ଥିଲେ ସିଦ୍ଧହସ୍ତ । ନୋଟ ଦେଇ ଭୋଟ ବିକାକିଣା ଉପରେ ସେ ଉଦାହରଣ ଦେଇ କହିଥିଲେ ଯେ । ଭୋଟର ଚିହ୍ନକୁ ନେଇ ବ୍ୟଙ୍ଗ । ଗାଈ ବାଛୁରୀ ଚିହ୍ନ ନାରୀଙ୍କୁ ଆକୃଷ୍ଟ କଲା ବେଳେ ଚକ୍ରହଳଧର ଚିହ୍ନ ପୁରୁଷଙ୍କୁ ଟାଣି ଆଣୁଥିଲା ଏଣୁ ସେ ପିଲାଚିହ୍ନ ଦେବାକୁ ପ୍ରରୋଚନା କରିଥିଲେ ଯେଉଁଥିରେ କି ଉଭୟ ପୁରୁଷ ଓ ସ୍ତ୍ରୀ ଆକୃଷ୍ଟ ହେବେ । ଓଡ଼ିଶାରେ ରାଜନୀତି ବିଜ୍ଞାନ ନ ପଢ଼ିଲେ ବି ରାଜନୀତିରେ ସେମାନେ କିପରି ଉସ୍ତାଦ ତାହା କହିଥିଲେ ।

ମଧୁମିତା ଦାସ ନିଦାବେହେଲ ଉପରେ ଏକ ପ୍ରବନ୍ଧ ପାଠ କରିଥିଲେ । ଫତୁରାନନ୍ଦଙ୍କ ରଚନା ଓ ଅଭିନବ ଶୈଳୀ ମୁଖ୍ୟତଃ ସହର ସଭ୍ୟତା ଓ ଉଶୃଙ୍ଖଳତା ଉପରେ ବ୍ୟଙ୍ଗ କରି ଲେଖି ଚାଲିଥିଲେ । ନ୍ୟାୟ ବ୍ୟବସ୍ଥାକୁ ମଧ ସେ ଛାଡ଼ି ନାହାନ୍ତି । ପାଳବିଣ୍ଡା ଗଳ୍ପରେ ପୂଜାପଦ୍ଧତି ସମୟରେ ହେଉଥିବା ଗଫଲତି ପ୍ରସଙ୍ଗକୁ ନେଇ ଫତୁରାନନ୍ଦଙ୍କ ବ୍ୟଙ୍ଗକୁ ସେ ଉପସ୍ଥାପନା କରିଥିଲେ ।

ସର୍ବଶେଷରେ ପ୍ରଶାନ୍ତ କୁମାର ଭୂୟାଁ ଫତୁରାନନ୍ଦଙ୍କ ଜୀବନ ଓ ସୃଜନକୁ ବିଭିନ୍ନ ଉଦାହରଣ ମାଧମରେ ସମସ୍ତଙ୍କ ସମକ୍ଷରେ ରଖିଥିଲେ । ଫତୁରାନନ୍ଦ ଯେ ଓଡ଼ିଆ ବ୍ୟଙ୍ଗ ସାହିତ୍ୟ ଜଗତର ମହାମହିମ ସମ୍ରାଟ ଏଥିରେ ଦ୍ୱିରୁକ୍ତି ନାହିଁ। ଫକୀରମୋହନ, ଗୋଦାବରୀଶ, ଲକ୍ଷ୍ମୀକାନ୍ତଙ୍କ ବ୍ୟଙ୍ଗଧାରାର ପ୍ରକୃତ ଦାୟାଦ ଥିଲେ ଫତୁରାନନ୍ଦ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ । ମୁଖ୍ୟତଃ "ସାହିତ୍ୟ ରୂଷ" ଯେ ଅଧୁନା ଯୁଗର ଲେଖକଙ୍କ ପାଇଁ ଏକ ମାଙ୍ଗଳିକ ଶବ୍ଦବାଦ୍ୟ ଏହା ସେ ବୁଝାଇ କହିଥିଲେ । ନ୍ୟସ୍ତସ୍ୱାର୍ଥ ଓ ସଂକୀର୍ଣ୍ଣ ମନୋଭାବ ରଖି; ଅହଂ ଓ ପ୍ରଶସ୍ତି ସର୍ବସ୍ୱରେ ବୁଡ଼ି ଆଜି କାଲିର ଅନେକ ସାହିତ୍ୟିକ ନିଜର ମାନବିକତା ମଧ ହଜାଇ ସାରିଲେଣି । ହେଲେ, ଫତୁରାନନ୍ଦ କିପରି ଏହାର ଊର୍ଦ୍ଧ୍ୱରେ ରହି ସାହିତ୍ୟ ସେବାରେ ଆଜନ୍ମବ୍ରତୀ ରହିଥିଲେ ଏହି କଥା ମଧ ସେ ବୁଝାଇ କହିଥିଲେ ।

ଏଇ ସାହିତ୍ୟ ପାଠଚକ୍ର ଟରୋଣ୍ଟୋରେ ବସବାସ କରୁଥିବା ସମସ୍ତ ସାହିତ୍ୟପ୍ରେମୀଙ୍କ ପାଇଁ ଭାବ ପ୍ରକାଶ ଓ ସମସ୍ତ ମହାନ ସାହିତ୍ୟ ପୁରୁଷଙ୍କ ସ୍ମୃତି ନିମନ୍ତେ ଏକ ଉତ୍କୃଷ୍ଟ ଖୋଲାମଞ୍ଚ ଅଟେ । ସାତ ସମୁଦର ତେର ନଈ ଏପାରିରେ ମଧ ଟରୋଣ୍ଟୋର ଓଡ଼ିଆ ମାନେ ରେବତୀ , ମାଣିକ ଓ ତଅପୋଇର କଥା ଶୁଣନ୍ତି ଯେତେବେଳେ

ସହର ଶୋଇପଡ଼େ। ରାଧାନାଥ, ଉପେନ୍ଦ୍ର, ଗଙ୍ଗାଧରଙ୍କ କାବ୍ୟ ଓ କବିତା ଗୁଞ୍ଜରୀ ଉଠେ ଝରକା ବାହାରକୁ ଦେଖିଲା ବେଳେ। ସାହିତ୍ୟ ସଂସାର କଥା, କବିତା, ପ୍ରବନ୍ଧ ଉପନ୍ୟାସର ଆଲୋଚନା ଭିତରେ ଏମିତି ସଭିଏଁ ହଜିଯାନ୍ତି ମିଳିମିଶି ବସିଲେ। ସାହିତ୍ୟ ଏଇମତେ ବଞ୍ଚାଇ ରଖେ କେତେଜଣଙ୍କୁ ଏଇ ବିଦେଶ ମାଟିରେ। ଦିବ୍ୟକୃପା ଥାଉ ଓଡ଼ିଆଙ୍କ ଉପରେ ଆଉ ଆମ ମାଟି ଓଡ଼ିଶା ଉପରେ; ସଭିଏଁ ସୁଖ ଓ ଶାନ୍ତିରେ ରୁହନ୍ତୁ।

ଧନ୍ୟବାଦ..!!
ସାହିତ୍ୟ ସର୍ବଦା ସମୃଦ୍ଧିଶାଳୀ ରହୁ ... ସାହିତ୍ୟର ଜୟଯାତ୍ରା ଜାରୀ ରହୁ...!!!
ଜୟ ଓଡ଼ିଆ...ଜୟ ଓଡ଼ିଶା...ଜୟ ଜଗନ୍ନାଥ...!!!

ଆମେ ଓଡ଼ିଆ...ଆମ ଓଡ଼ିଶା
'ଓଡ଼ିଶାବାସୀ' ଓ 'ଓଡ଼ିଆଭାଷୀ'
ସୁଧୀ...ଜ୍ଞାନୀ...ଗୁଣୀ...ସାହିତ୍ୟପ୍ରେମୀ!
ଆସନ୍ତୁ
'ଓଡ଼ିଆ'ଭାଷା ଓ ସାହିତ୍ୟ
ଶୁଣିବା – ଜାଣିବା – ପଢ଼ିବା – ବୁଝିବା – ଲେଖିବା
ଆମ 'ମାତୃଭାଷା'
'ଓଡ଼ିଆ' ଆଉ କେବଳ 'ଓଡ଼ିଆ' ରେ...!
-ପ୍ରଭୂ

## ଫତୁରାନନ୍ଦ

ଫତୁରାନନ୍ଦଙ୍କ ଫୁଟା ଡଙ୍ଗାର କାହାଣୀକୁ ନାକଟା ଚିତ୍ରକାର ଭଳି ଯେତେ ଅମୃତ ବେହିଆ ସାହିତ୍ୟ ବେଉଷଣ କରିଥିଲେ ତାହା ମଙ୍ଗଳବାରିଆ ସାହିତ୍ୟ ସଂସଦ କମ୍ ବରଂଚ ସାହି ମହାଭାରତ ପ୍ରାୟେକ ମନେ ହୋଇଥିଲା। ହେରେସାର ଅଜଗବିଶିକାର ସାହିତ୍ୟଗ୍ରନ୍ଥ ଦେଖି ଟାହୁଲିଆ, ଟାପୁରିଆ, ମୁଚୁକୁନ୍ଦିଆ, ଖିଲିଖିଲିଆ ଓ ବୃହତଭଣ୍ଡ, ରାମଚନ୍ଦ୍ର ମିଶ୍ର ଓରଫ୍ ଫତୁରାନନ୍ଦଙ୍କୁ ଭାରତର ଶ୍ରେଷ୍ଠ ହାସ୍ୟଗଳ୍ପର ସମ୍ରାଟ ବୋଲି ଭୋଟ ଦେଇଥିଲେ। ଏହା ଶୁଣି ସମାଲୋଚନା କରୁଥିବା ନିଲଠା କବିଙ୍କୁ କଲିକତି ଚେଙ୍କ ଲାଗିଥିଲା। ପରେ ଗମାତରେ ଶିଶୁ ସାହିତ୍ୟ ଓ ନାଲୁର ଚନ୍ଦ୍ରଯାତ୍ରା ପ୍ରସଙ୍ଗ ଉଠିଥିଲା ଆଉ ସମସ୍ତେ ଆଦର୍ଶ ହିନ୍ଦୁ ହୋଟେଲକୁ ଭୋଜନାର୍ଥେ ଗମନ କରିଥିଲେ ନିଦାବେହେଲ ହେବା ପାଇଁ।

-ପ୍ରଭୂ

ପ୍ରଶାନ୍ତ କୁମାର ଭୂୟାଁ
ଟରୋଣ୍ଟୋ
+୧ ୬୪୭ ୯୯୬ ୫୨୮୦
prasantabhunya@gmail.com

# ସରଗର ଗଳି



ଗୁମ୍ଫାରୁ ସରଗ ପାଇଁ ଯାଉଥିବା ଗଳିଟାତ ଶଙ୍କର୍ ଶଙ୍କର୍
ଦୁଇ ପାଶେ ଉଞ୍ଚାଉଞ୍ଚା  ଦୁଇଟି ଇଟା  ତିଆରୀ ପାଚେରୀରେ ଘେର୍
ଛତୁ ମୂଳ ଖାଉଥିବା ମଣିଷର ପଲ ସବୁ ସରଗ ଲୋଭରେ
ଗ୍ଲିଛନ୍ତି ଦିନ ଗ୍ତି  ଦେଇ ଭୋଗ ଓ  ଆରତୀ ପାଚେରୀ କତିରେ
କେବେ ବା କେମିତି ପୁଣି ବଳୀଟିଏ ପଡେ ବାଆଁ ପାଚେରୀର ତଳ
ପର୍ସ୍ତ ଦଳିତ  ଶିଶୁମାଂସ ନେଇ ମାତିଯାଏ  ଧର୍ମଯାତ୍ରୀ ଦଳ
ଡାହାଣ ପାଚେରୀ ତଳେ ବସ୍ତାବସ୍ତା ଥୁଆ ଖାଲି ସୁନାରୁପା ଥଳୀ
ଭକତ ଜନେ  ଯେ ପର୍  ଦେଇଗ୍ଲିଚନ୍ତି ସବୁ ଦକ୍ଷୀଣା ସମ୍ଭାଳି
ଲୋଭ ଆଉ ଭୟ ବୋଲି ଏ ଦୁଇ ପାଚେରୀ ଘେର୍  ସରଗର ଗଳି
ବିଭୋର ଯାତ୍ରୀର କେତେ ଗ୍ଲେଯେ କୀର୍ତ୍ତନ ଆଉ କେତେ ହୁଳହୁଳି
ଦିନ ପରେ ଦିନ ଆଉ ଯୁଗ ପରେ ଯୁଗ ଏଇ ତୀର୍ଥଯାତ୍ରୀ ଦଳ
ଧିରେଧିରେ ସବୁ ଆହା ସରି ’ତ ଯାଆନ୍ତି ସ୍ଥିର ହୁଏ କୋଳାହଳ
କ୍ଳାନ୍ତ ପଥିକର ଦଳ ପଚି ସଢ଼ି ଶେଷ ହୁଏ ତିରିଥ ଯାତର୍
ରହି ଯାଏ  ଧର୍ମପୁତ୍ର  ଏକାଏକା ଗ୍ଲିଛି  ସେ ସ୍ତ୍ରିରୀହୀନ ଭ୍ରାତାହୀନ  ପର୍
କୁକୁରଟା ଖାଲି ସାଥୀ  ନୁହେଁ ସେ ସ୍ୱର୍ଗର ପ୍ରାର୍ଥୀ  କେବଳ ଗ୍ଲିଛି
ମାଲିକ ତା ଧର୍ମପୁତ୍ର  ଗ୍ତିଦିନ ଏ ପଥରେ ସାଙ୍ଗରେ ରହିଛି
ସ୍ୱାର୍ଥ ନାହିଁ କିଛି ତାର ତେଣୁ ପର୍ ସରଗର କେବଳ ସେ ସାଥୀ
ଲୋଭ ନାହିଁ ଭୟ ନାହିଁ  ପ୍ରାଚୀରକୁ ଜୟ କରି ସରଗ ଲଭିଛି

ବରୁଣ ପାଣି
ରିଜଲାଣ୍ଡ ମିଶିଶିପି

# ହାତମୁଠା



ହାତମୁଠାକୁ ଖୋଲିବାକୁ ଚେଷ୍ଟା କରନି
ମୁକ୍ତ ହୋଇଯିବ
ବାନ୍ଧି ରଖିଥିବା ସମସ୍ତ ଜୀବନର ବଞ୍ଚିବାପଣ
ହାରିଯିବ ଯେତେ ବଞ୍ଚିବାର ସମୟ
ଆଉ ସେ ସମୟରେ ସାଉଁଟିଥିବା
ଭଲମନ୍ଦ, ହସକାନ୍ଦ ଓ ପାପପୁଣ୍ୟ ॥୧ ॥

ଥରେ ହାତମୁଠା କରିଥିଲି ବୋଲି
ଅପହଞ୍ଚ ଦୂରତାରେ ଏବେ ପ୍ରିୟତମ,
କେବେବି ଫେରିଲାନି
ଆପନା ଲୋକର ପ୍ରେମପ୍ରାଣ,
କିଏ ଯଦି ହାତଟା ହରି ନେଇଯାଏ
ଅକର୍ମଣ୍ୟ ହୋଇଯିବେ ଗୁଜୁରୁଥିବା ବଣ,
ଆହୁରି ଶକ୍ତକର ହାତମୁଠା
ମୁଠି ଥରେ ଖୋଲିଗଲେ
ହାରିଯିବ ଜୀବନର ପାରିବାର ପଣ ॥୨ ॥

ଏବେ ମୋର ହାତ ମୁଠାରେ ସାଇତା
ଆପଣାମାନଙ୍କ ଗଣ୍ଠିଧନ,
ଫେରି ନପାରିବାର ବାଟ
ଅଜଡ଼ା ହେଇ ପାରୁଥିବା ମୂହୁର୍ତ୍ତ
ମୁଁ ହେଲି ଦୀର୍ଘାୟୁଷ
ମୁଁ ହେଲି ଆଶ୍ୱସ୍ତ
ଅଧିକରୁ ଅଧିକ ସେ ହାତ ମୁଠାରେ
ସାଇତିବାକୁ ଗୁହୁଁଛି ପ୍ରତ୍ୟେକ କ୍ଷଣ,
ଅକ୍ଷୟ ହୋଇ ଯେମିତି ରହିଯିବ
ସମ୍ପର୍କର ଅନେକ ସବୁଜକଣ ॥୩ ॥

# ଓଡିଶା ଭୂମିକୁ ନମେଃ

ପ୍ରବାସରେ ଆଜି ସ୍ମୃତି ଫୁଲ ରାଜି
ମହକାଇ ଯାଏ ମନ
ଅମୃତମୟ ସେ ମଧୁର ପରଶେ
ଉଲ୍ଲସି ଯାଏ ପରାଣ
ସେ ଆମ ଓଡିଶା ମାଆ
ସେ'ତ ସରଗଠୁ ମହନୀୟା ।

ତାର ଶସ୍ୟ, ଫଳ ମାଉଁସ ଆମର
ତା ପାଣି ରକତଧାର
ତାହାର ସେନେହ ପଣତରେ ଗଢା
ଏହି ଜୀବନ ଆମର
ଏ ମନେ ଯେତେ ଭାବନା
ସେ ମାଟି ମମତା ସିନା ।

ଅନୁପମ ସେହି ଜୀବନର ଧାରା
ପୁନିଅଁ ପରବ ରୀତି
ଶିଖାଇଛି ନୀତି ନିୟମ ସଂସ୍କୃତି
ସମ୍ପର୍କର ଭାବଗୀତି
ସହିଯିବାର ମହତ
କହିବାରେ ନାହିଁ ସେତ ।

ପୁରୀ ଶୀରିକ୍ଷେତ୍ରେ ବିଜେ ଚକାଡୋଳା
ଜଗତଜନଙ୍କ ପାଇଁ
ସେ ମହାପ୍ରସାଦ ମହାଭାବନାର
ତୁଳନାରେ ଜ୍ଞାନ ନାହିଁ
ଆଜି ଏ ପବିତ୍ର ଦିନେ
ଓଡିଶା ଭୂମିକୁ ନମେଃ ।

ବିଜ୍ଞାନୀ ଦାସ,
ଡେଟନ୍, ମେରୀଲାଣ୍ଡ



# ରୁତୁର୍ଜ ବସନ୍ତ ଆଇଲ୍

ରୁତୁର୍ଜ ବସନ୍ତ ଆଇଲ୍ ।
ରଙ୍ଗରେ ରଙ୍ଗରେ, କୁଞ୍ଜ କାନନରେ
ଆନନ୍ଦେ କୋଇଲି ଗାଇଲ୍ ।

ମନ୍ଦ ମନ୍ଦ ପବନ ବହି ବାରତା ଦେଲ୍ ପଠାଇ
ସାଜଗୋ ସିଆଣୀ ସ୍ୱଇ ଯିବା ରଙ୍ଗ ଖେଳିବା ପାଇଁ
ମଧୁରେ ମଧୁରେ ପୀରତି ଛନ୍ଦରେ
ବଇଁଶୀ କିଏ ବଜାଇଲ୍ ।

ଚେଇଁଲ୍ ଜଡ ଜୀବନ ହସିଲ୍ ଗାଆଁ ଓ ବନ
ହଳଦୀ ପଡିଲ୍ ବିଂଚି ସତେକି କାହା ମଙ୍ଗନ
ମନରେ ମନରେ ଶ୍ୱେଷଣୀ ମେଳାରେ
ଚପଳା କେ ଚମକାଇଲ୍ ।

ବସନ୍ତର ଏ କୁହୁକ ହୋରିର ରଙ୍ଗ ମହକ
ଜାଗଇ ଯେତେ ସପନ ହସଇ ଆଶା କିରଣ
ଗନ୍ଧରେ ଗନ୍ଧରେ ସୁରଭି ଶୋଭରେ
ରଙ୍ଗ ଫୁଲ ମନ ମୋହିଲ୍ ।

ବିଜ୍ଞାନୀ ଦାସ,
ଡେଟନ୍, ମେରୀଲାଣ୍ଡ

# କୋଣାର୍କ



ବେଳେ ବେଳେ ମନ କରେ, ଧର୍ମପଦ ପ୍ରାୟ ଏ

ଅତୃପ୍ତ ଆତ୍ମାର ଗଗନ ଭେଦୀ ଶୀଖର ଉପରେ

ଚଢ଼ି ଯିବାକୁ ଆଉ ସେଇ ଅଦ୍ଭୁତ ମାୟାବୀ ଶୀଳାକୁ

ଅସ୍ତିତ୍ୱର ଶୁନ୍ୟତାରେ ଶବ ଭଳି ପୋତି ପକେଇ ବାକୁ,

ଆଉ ପୁଣି ଜୀବନର ଅସହାୟ ଚନ୍ଦ୍ରଭାଗା ଉପରେ

ଡେଇଁ ପଡି ଏକ ପୁର୍ଣ ବିକସିତ କୋଣାର୍କର ପ୍ରାଣହୀନ

ଶରୀରକୁ ବେତାଳ ସମାନ କାନ୍ଧରେ ଚଢାଇ ସମୁଦ୍ରର

ଶୁନ୍ୟତାରେ ବିଲୀନ ହେଇ ଯିବାକୁ, ବୋଧ ହୁଏ,

ନୀଳ ବର୍ଣ ଅସୀମ ଅବୋଧ ଚପଳତାର ଛାତି ମଦ୍ଧେ,

ମୁଁ ଆଉ ମୋର କୋଣାର୍କ ନିଜ ନିର୍ବାଣ ପୁନସ୍ଥ ପାଇବୁ

**ଚିତ୍ତ ରଂଜନ ଦାଶ**

# ମୃଗ ଶିଶୁ



ଗୁହା ଭିତରୁ ବାହାରକୁ ଆସ
ଦେଖ ପତ୍ର କୁଡିଆର ଘାସ ଗାଲିଚ୍ଚାରେ
ମୃଗଶିଶୁର ନିଷ୍ପାପ ଆଖିର ଅମୃତ ରାଗିଣୀ
କେମିତି ପହଁରୁଛି
କେମିତି ନିଟୋଳ ତୃପ୍ତିରେ ତା ଗ୍ରହାଣୀ
ହଜୁଛି ଜଂଗଲର ଗହଳି ଭିତରେ
ବ୍ୟାଧ ଭୟ ଘାରୁନାହି ଆଉ
ଆକସ୍ମିକ ଶରର ସଂମ୍ବାଦ ପାଇ
ହେଉ ନାହି ତ୍ରସ୍ତ ଓ କାକୁସ୍ଥ
ପଢୁନାହି ତମାମ୍ ଭୟର ଖବର କାରଣ
ସେ ଏବେ ଏକ ବରାଭୟ
ବାଧାହିନ ଗତି ଅନିର୍ବାଣ ଜ୍ୱାଳା
ସାଗୁଆ ଗନ୍ଧର ଓଦା ଓଦା ଦୂବଘାସ
ଯାର କୋଷୋରେ କୋଷୋରେ ଭର୍ତି
ମୃଗନାଭି କସ୍ତୁରୀ ପାରାଗ
ନିର୍ଭୟରେ ଯେକୌଣସି ଗଛତଳେ
ଚୁପ୍ ଚାପ୍ ବସିପାରେ
ଛୁଇଁ ପାରେ ପାହାଡି ଝରଣାର ଛାତି
ଚିତ୍ରମୟ ପ୍ରଜାପତିକୁ ହକାରି ପାରେ,ମିତ ବସି ପାରେ
ଡୁବଂତ ସୂର୍ଯର ଆଲୋକିତ ଢେଉରେ
ସନ୍ଧ୍ୟା ଆକାଶର ମୋନୋଲୋଗ୍ ଚିତ୍ର ଆଂକିପାରେ
ସ୍ନେହ ଓ ଶରଧାରେ ବାନ୍ଧିପାରେ
ଈଶ୍ୱର ,ମାଟି ଓ ଆକାଶ
ଡେଂଗା ଗଛର ଅଗ୍ରପତ୍ରରେ ଦେଖିପାରେ
ଶ୍ରୀକୃଷ୍ଣଂକ ବିଶ୍ୱରୂପ,ଛାୟା ଓ କାୟାର ଗହନ ରହସ୍ୟ
ବିଶ୍ୱାସ ହେଉ ବା ନହେଉ ସେ ବଂଚିଛି ଚିରକାଳ
ସାଉଟିଛି ମୃତ୍ୟୁକ୍ରାନ୍ତ ସହରରୁ ସମସ୍ତ ସକାଳ

ଅହରହ ସିଝିଛି ବି ହୋଇଛି ବି ଶବ
ହଜାଇଛି ଘରର ଠିକଣା ଖୋଳିଛି କବର
ତଥାପି ଥକ୍କା ହୋଇ ବସିଥିବା
କ୍ଲାନ୍ତ ପଥିକର ଛାତିତଳେ
ଫୁଟାଇଛି ଜୀବନର ଝର
ବୁଣିଦେଇ ବଂଚିବାର ଗୋପନ ଖବର
ନହେଲେ କି ସର୍ଗରେ ଇନ୍ଦ୍ରଧନୁ ରଂଗ ମାଖି
ଝୁଲୁଥାଂତା ଆକାଶରେ ମେଘ ସହ ପ୍ରେମକରି
ଲେଖୁଥାନ୍ତା ଝର ଝର ବର୍ଷାର କବିତା ମାଟିର ଫର୍ଦରେ
ନହେଲେ କି ମୁହଁ ଘଷି ପୃଥିବୀ ମାଟିରେ ରୁତୁରାଜ ବସନ୍ତ
ବାଂଟୁଥାନ୍ତା ସଚରାଚର ଜୈବିକ ଉଷ୍ମତା ଫୁଲ ପଖୁଡାରେ
ନହେଲେ କି କାକଟସ୍ ର ଗହନ ସଂଧିରୁ ଦୁଶୁଥାନ୍ତା
କଣ୍ଟାର ପୋଷାକ ପିନ୍ଧି ହସ ଜର ଜର ଗୋଲାପର ମୁହଁ
ସେଥି ପାଇଁ ତ ଗୁହା ଭିତରେ ନଥାଏ ଦୃଶ୍ୟ
ଆଉ ଝିକି ମିକି ତାରାର ଆକାଶ
ମୁହଁକୁ ଦୁଶେନାହିଁ କିଛି ଖାଲି ପ୍ରସ୍ତ ପ୍ରସ୍ତ ଅନ୍ଧାର ଓ ଭୟ
ମାପି ହୁଏ ନାହିଁ ଜୀବନର ଦୈର୍ଘ୍ୟ ଓ ପ୍ରସ୍ଥ
ସିଁବାଲୁଆର ପର ଗଜୁରିଲେ ଖୋଜେ ଅଲୋକ
ପାଇଯାଏ ଉଷୁମ ହୃଦୟ ଠିକଣା
ଅଂଗରେ ଅଂଗରେ ଜଗାଇ ପ୍ରାଣର ପୁଲକ
ହାଡ଼ମାନେ ହେଉଥାନ୍ତି ଗର୍ଭବତୀ
ଉଦାସ ଚେହରା ନେଇ ମୃତ୍ୟୁ ଫେରୁଥାଏ ଗୁହା ଭିତରକୁ

ସତ୍ୟ ପଟ୍ଟନାୟକ

# ନିରୁତ୍ସାହିତ ଜୀବନ କାହିଁକି ?



ମଣିଷ ସଦାବେଳେ ନିରୋଳା ଶାନ୍ତି ପ୍ରାପ୍ତିର ଇଚ୍ଛା ରଖୁଛି କିନ୍ତୁ ତାହା ଅହେତୁକ ଭୟ, ଅପୂର୍ଣ୍ଣ ଆଶା ଓ କ୍ଷଣିକ ବିଫଳତା ଯୋଗୁଁ ସମ୍ଭବ ହୋଇ ପାରୁନି । ବର୍ଣ୍ଣାଡ଼ ଶ କହିଥିଲେ, “ଯେଉଁ ବ୍ୟକ୍ତି ସ୍ୱର୍ଗରେ ରହିବା ଯୋଗ୍ୟ ନୁହେଁ, ସେ ଯଦି ସ୍ୱର୍ଗରେ ବି ପହଞ୍ଚି ଯିବ, ସେ ସେଠାରେ ବି ନିଜକୁ ଏକାକୀ ଅନୁଭବ କରି ଅଶାନ୍ତ ରହିବ ।”
ଆଜିର ଯୁଗରେ ପ୍ରତ୍ୟେକ ମଣିଷ ଏହି ମାନସିକତାର ଶିକାର ହେଉଛି । ପ୍ରକୃତରେ ସହଜ ଜୀବନଯାପନ କରି ଶାନ୍ତିରେ ରହିବା ପାଇଁ ଏହି ସଂସାରରେ ବହୁତ କିଛି ସାଧନ ରହିଛି । ପ୍ରକୃତି ଆମକୁ ପାଣି ପବନ, ଆଲୋକ ସହିତ ଖାଦ୍ୟପଦାର୍ଥ ବି ଦେଉଛି । ଯଦି ସତରେ କେଉଁଠି ସ୍ୱର୍ଗ ଥାଏ, ସେଠାରେ ବି ଏହି ଭଳି ସବୁ କିଛି ଥିବ । ତେଣୁ ଆମେ ଏହି ଦୁନିଆଁରେ ହିଁ ସ୍ୱର୍ଗର ସୁଖ ନପାଇବା କାହିଁକି? ପ୍ରଶ୍ନ ଉଠୁଛି; ଆମେ ନିରୁତ୍ସାହିତ ହୋଇ ଅଶାନ୍ତ ରହୁଛୁ ।

ଆମ ସମାଜରେ ମଧୁର ଭାଷୀ, ସୁଖଦୁଃଖରେ ସମଭାଗୀ ହେଉଥିବା ମଣିଷମାନଙ୍କର ଅଭାବ ନାହିଁ । ସମାଜରେ ସଙ୍ଗୀତମୟ ସ୍ୱର, କଳାତ୍ମକ ଅନୁଭବ ଏବଂ ଗମ୍ଭୀର ବିଚାରଧାରାର ଅଭାବ ନାହିଁ । ତଥାପି ଆମେ ନିଜକୁ ଅସହଜ କିମ୍ବା ଅସହାୟ ବୋଧ କରି ମାନସିକ ସ୍ତରରେ ଅଶାନ୍ତ ରହୁଛୁ କାହିଁକି? ଏହାର କାରଣ ହେଉଛି; ଆମର ସ୍ୱାର୍ଥାନ୍ୱେଷୀ ସ୍ୱଭାବ ଓ ବ୍ୟକ୍ତିକୈନ୍ଦ୍ରିକ ଦୃଷ୍ଟିକୋଣ ।

ଆଦିମ କାଳରୁ କିଛି ବ୍ୟକ୍ତି, ସମ୍ପ୍ରଦାୟ ଓ ଶାସକ ଗୋଷ୍ଠୀ ମଣିଷ ସମାଜର ମଙ୍ଗଳ କାମନା କରୁଥିବା ବାହାନାରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷନ କରୁଛନ୍ତି । ଏହା ଦେଖି ମନେ ହେଉଛି; ସତେ ଯେପରି ଏବେ ବି ଆମ ଭିତରେ ଆଦିମ ବଣ ମଣିଷର ଅଂଶ ବାକି ରହି ଯାଇଛି । ଯାହାଠାରୁ ଆମେ ପ୍ରାୟ ଷାଠିଏ ଲକ୍ଷ ବର୍ଷ ପୂର୍ବରୁ ବିକଶିତ ହେବା ଆରମ୍ଭ କରିଥିଲୁ । ଶାନ୍ତିର କାମନା ସତ୍ତ୍ୱେ ସ୍ୱଭାବରେ ଆଦିମ ବଣମଣିଷର ଅଂଶ ଯୋଗୁଁ ହୁଏତ ଆମେ ସର୍ବଦା ଅଶାନ୍ତ ଜୀବନ ଭୋଗ କରିବାକୁ ବାଧ ହେଉଛୁ । ଶାନ୍ତି ମୃଗତୃଷ୍ଣା ହୋଇ ଆମଠାରୁ ଦୂରେଇ ରହୁଛି ।

ଆମର ସ୍ୱଭାବ ମନରୁ ହିଁ ଅଙ୍କୁରିତ ହେଉଥିବା ଏକ ବ୍ୟବସ୍ଥା । ମନ ଛଅଖଣ୍ଡ ଅସ୍ଥି ଭିତରେ ସୁରକ୍ଷିତ ରହୁଥିବା ମସ୍ତିଷ୍କରେ ବାସ କରୁଛି । ଏହି ମସ୍ତିଷ୍କ ବିଶ୍ୱର ସବୁଠାରୁ ଜଟିଳ ଏକ ନିର୍ମାଣ କେନ୍ଦ୍ର । ଯେଉଁଠି ଅରବ ଅରବ କୋଷିକା ଦ୍ୱାରା ବୁଣା ହୋଇଥିବା ଜାଲ ତିଆରି ହୋଇଛି । ଏହି ସବୁ କୋଷିକାରୁ ନିର୍ଗତ ହେଉଥିବା ବିଭିନ୍ନ ପ୍ରକାର ରହସ୍ୟମୟ ରସ ଆମର ସ୍ୱଭାବକୁ ନିୟନ୍ତ୍ରଣ କରୁଛି ।

ଆମର ଆଖପାଖରେ ଘଟୁଥିବା ଛୋଟବଡ଼ ଘଟଣାର ପ୍ରଭାବ ମସ୍ତିଷ୍କରେ ସ୍ମୃତି ରୂପେ ଅଙ୍କିତ ହୋଇଯାଏ । ସେହି ସବୁ ଅଙ୍କିତ ହୋଇଥିବା ସ୍ମୃତି ଦ୍ୱାରା ହିଁ ଆମର ଚିନ୍ତନ ପ୍ରକ୍ରିୟା ଓ ବ୍ୟବହାର କୁଶଳତା ଜନ୍ମ ନେଇଥାଏ । ଆମର ମସ୍ତିଷ୍କ ସ୍ମୃତି ଗୁଡ଼ିକୁ ଏକତ୍ର କରିବା ପାଇଁ ଅତି ସମ୍ବେଦନଶୀଳ ଯନ୍ତ୍ର ଭଳି କାମ କରେ । ଛୁଆ ଜନ୍ମ ପୂର୍ବରୁ ହିଁ ସ୍ମୃତି ସଂଗ୍ରହ କରିବା ପାଇଁ ତିଆରି ହୋଇଯାଏ ଏବଂ ଜନ୍ମପରେ ସାରା ଜୀବନ ସେଇୟା ହିଁ କରିଥାଏ । ପଛରେ ବିତି ଯାଉଥିବା ବୟସ ସହିତ ଏକତ୍ର ହେଉଥିବା ସ୍ମୃତି ଗୁଡ଼ିକୁ ମଣିଷ ମୃତ୍ୟୁ ପର୍ଯ୍ୟନ୍ତ ଉପଯୋଗ କରିଥାଏ । ଏହା ହିଁ ତା'ର ଅସଲ ପୁଞ୍ଜି । ଏହା ହିଁ ମନର ଜାଣିବା, ବୁଝିବା ଓ କାର୍ଯ୍ୟ କରିବାର ପ୍ରେରଣା ସ୍ରୋତ ହୋଇଥାଏ । ଏହା ହିଁ ତା'ର ବ୍ୟକ୍ତିତ୍ୱ ଗଠନରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ମସ୍ତିଷ୍କ ଭିତରୁ ଅଙ୍କୁରିତ ହେଉଥିବା ମନର ବି କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ନଥାଏ । ଆକାଶରେ ଦିଶାହୀନ ଭାବେ ଘୁରି ବୁଲୁଥିବା ମେଘ ଭଳି ଚଞ୍ଚଳ ପ୍ରକୃତି ମନ ବି ପ୍ରତି କ୍ଷଣରେ ମତ ପରିବର୍ତ୍ତନ କରିଥାଏ । ଗୋଟିଏ ମୂହୁର୍ତ୍ତରେ ସେହି ମନ ଅଶାନ୍ତ ହୋଇ କୌଣସି କାଳ୍ପନିକ ନିରାକାର ଶକ୍ତି ଆଗରେ ପ୍ରାର୍ଥନା କରିବାକୁ ଆରମ୍ଭ କରିଦିଏ । ମନର ଏହି ବାଗ୍ରଳ ଅବସ୍ଥା ଯୋଗୁଁ ଆମେ ସର୍ବଦା ଦ୍ୱନ୍ଦ ଭିତରେ ଘାଣ୍ଟି ଚକଟି ହୋଇଥାଉ । ମନ ଭିତରେ ଗୋଟିଏ ପରେ ଗୋଟିଏ ବିଚାର ଉତ୍ପନ୍ନ ହୁଏ ଏବଂ ସେହି ବିଚାରକୁ ନେଇ ଭାବନାର ଝଡ଼ ସୃଷ୍ଟି ହୁଏ । ଯଦିଓ ଜ୍ଞାନ ଓ ଭାବନା ଦୁଇଟି ଯାକ ମନ ଭିତରେ ଅବସ୍ଥିତ, ତଥାପି ମନ ଜ୍ଞାନ ଅପେକ୍ଷା ଭାବନା ଆଡ଼କୁ ବେଶୀ ଆକର୍ଷିତ ହୋଇଥାଏ । ଏହି ଗୁଣ ଯୋଗୁଁ ମନ ସାମାନ୍ୟ ମାତ୍ର ଆଶାର ପୂର୍ଣ୍ଣତାକୁ ନେଇ ବିଚଳିତ ରହେ । ଉତ୍ତେଜିତ ହେଉଥିବା ଭାବନାକୁ ନିୟନ୍ତ୍ରଣ କରି ହୁଏନି କିମ୍ବା ଭାବନାକୁ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ କରିବା ସମ୍ଭବ ହୁଏନି । ପରିଣାମ ସ୍ୱରୂପ ବାରମ୍ବାର ବିଫଳ ରହୁଥିବା ଭାବନା ମଣିଷକୁ ସଫଳତା ପାଇବା ଆଶାରେ ଅନୈତିକ ପଥରେ ଟାଣି ନେବାକୁ ତତ୍ପର ହୋଇଥାଏ ।

ପ୍ରାୟତଃ, ପ୍ରତ୍ୟେକ ମଣିଷ ଭାବେ; ମୁଁ ଅନ୍ୟମାନଙ୍କ ଅପେକ୍ଷା ବେଶୀ ଦୁଃଖ ଓ ଅଶାନ୍ତି । ଏହା ଏକ ଭ୍ରାନ୍ତ ଧାରଣା । ପ୍ରକୃତରେ ପ୍ରତ୍ୟେକ ମଣିଷ ବିଭିନ୍ନ କାରଣରୁ ଦୁଃଖୀ ବା ଅଶାନ୍ତି ରହେ । ଗମ୍ଭୀର ଚିନ୍ତକ, ସମ୍ବେଦନଶୀଳ କଳାକାର, ନିପୁଣ ଶିଳ୍ପୀ, ଉଚ୍ଚ ପଦାଧିକାରୀ ଏବଂ ପ୍ରତିଷ୍ଠିତ ରାଜନେତାମାନେ ଉପରୁ ଦେଖିଲେ ଶାନ୍ତ ଓ ସୁଖୀ ଜଣା ପଡ଼ନ୍ତି କିନ୍ତୁ ସେମାନେ ମଧ୍ୟ ସାଧାରଣ ବ୍ୟକ୍ତିଠାରୁ ବେଶୀ ଅଶାନ୍ତ ଜୀବନ ବ୍ୟତୀତ କରୁଛନ୍ତି । ଯେଉଁମାନେ ଧନ ସମ୍ପଦକୁ ଶାନ୍ତିର ମାପକାଠି ବୋଲି ଭାବନ୍ତି, ସେମାନେ ବି ଭୁଲ ଭାବନ୍ତି ।ଉଦାହରଣ ସ୍ୱରୂପ, ଯାହାର ଦାନ୍ତବ୍ୟଥା ହୁଏ, ସେ ଭାବେ ଯାହାର ଦାନ୍ତରେ ବ୍ୟଥା ହେଉନି, ସେ ବେଶୀ ସୁଖୀ । ଆର୍ଥିକ ଅଭାବ ସହିତ ସଂଘର୍ଷ କରୁଥିବା ବ୍ୟକ୍ତି ଧନୀ ବ୍ୟକ୍ତିକୁ ଦେଖି ଠିକ୍ ସେହିଭଳି ଦୁଃଖୀ ହୋଇଥାଏ ।

ପାଣି ଉପରେ ସ୍ଥିର ହୋଇ ଭାସୁଥିବା ହଂସଟିଏ ଦେଖି ହୁଏତ ଜଣେ ବୁଝି ପାରୁନାହିଁ ଯେ ହଂସଟି ନିଜକୁ ସ୍ଥିର ରଖିବା ପାଇଁ ପାଣି ଭିତରେ ଦୁଇ ପାଦକୁ ଆଗପଛ କରି କ୍ରମାଗତ ଭାବେ ସଞ୍ଚାଳନ କରୁଛି। ସେହି ଭଳି ପୃଥିବୀର ସ୍ଥଳଭାଗ କଠିନ ଓ ସ୍ଥିର ଦେଖା ଯାଉଥିଲେ ବି ଭିତର ଭାଗରେ ଭୂଚଳନ ହେଉଛି। ଆଗ୍ନେୟଗିରି ଓ ଭୂକମ୍ପ ରୂପେ ଆମେ ଅନୁଭବ କରୁଛୁ।

ଆମେ ସମସ୍ତେ ଭୟ, ଇଚ୍ଛା ଓ ଭାବନାର ବିଚିତ୍ର ଗୋଲକଧନ୍ଦାରେ ଛନ୍ଦି ହୋଇ ବଞ୍ଚି ରହିଛୁ। ଇଚ୍ଛାପୂର୍ଣ୍ଣ ହେବାର ଆଶା ମନରୁ ହିଁ ଜାତ ହୁଏ, ତା ସହିତ ଇଚ୍ଛାପୂର୍ଣ୍ଣ ନହେବାର ଭୟ ବି ଜାଗ୍ରତ ହୁଏ। ମୋହ ଓ ବିବେକ ସହିତ ଈର୍ଷ୍ୟା ଓ ଘୃଣା ମଧ ଜନ୍ମ ନିଏ। ମଣିଷର ଅନ୍ୟ ଏକ ସ୍ୱଭାବ ହେଉଛି, ନିଜ ପାଖରେ ଯେତେ ପ୍ରକାର ଅମୂଲ୍ୟ ବସ୍ତୁ ଗଚ୍ଛିତ ଥିଲେ ବି ସେ ସନ୍ତୁଷ୍ଟ ନହୋଇ ଆହୁରି ବେଶୀ ବସ୍ତୁ (ମୂଲ୍ୟହୀନ ହୋଇପାରେ) ପ୍ରାପ୍ତି ପାଇଁ ପାଗଳ ହୋଇ ଦୌଡୁଥାଏ। ଏହାକୁ ଆମେ କଣ ଆମେ ଶାନ୍ତିର ମାର୍ଗ କରି ପାରିବାକି ?

ଭିତ୍ତିହୀନ ବିଶ୍ୱାସ ଓ ଆତଙ୍କବାଦ ସହିତ ଅନେକ ପ୍ରକାର ବିବେକହୀନ ବ୍ୟବହାର କେବଳ ମନର ଭୟରୁ ହିଁ ଜନ୍ମ ହୋଇଥାଏ। ଭୟଭୀତ ହେବା ଆମର ଏକ ଜନ୍ମଗତ ପ୍ରାକୃତିକ ଦୋଷ। ସୁରକ୍ଷିତ ଜୀବନଯାପନ କରିବା ପାଇଁ ଭୟ ଏକ ଆବଶ୍ୟକ ସର୍ତ୍ତ। ଯଥୋଚିତ ଭୟ ରହିବା ଆବଶ୍ୟକ କିନ୍ତୁ ଆମେ ଅଧିକାଂଶ ତର୍କହୀନ ଓ ଅହେତୁକ ଭୟକୁ ମନରେ ଗଣ୍ଠି ବାନ୍ଧି ରଖୁଛୁ। ଏହା ହେଉଛି ଆମର ଭୟାଳୁ ବା କାପୁରୁଷପଣର ସଙ୍କେତ।

ଆମର ଜୀବନ ପୁଷ୍ପକୁ ସତେଜ ରଖିବାର ଦୁଇଟି ପ୍ରଭାବଶାଳୀ ସାଧନ ହେଉଛି, ଉତ୍ସାହ ଏବଂ ଆଶା। ଉତ୍ସାହ ଜୀବନକୁ ମଉଳିବାକୁ ଦିଏ ନାହିଁ ଏବଂ ଆଶା ସତେଜ ରଖିବାରେ ସାହାଯ୍ୟ କରେ। ଆଶା କିନ୍ତୁ ସବୁବେଳେ ସଫଳ ହୁଏ ନାହିଁ। ଆଶା ଭାଙ୍ଗିଗଲେ ମନରେ ବହୁତ ଦୁଃଖ ହୁଏ। ସେହି ସମୟରେ ଜୀବନର ଉତ୍ସାହ ବି ଥଣ୍ଡା ପଡ଼ିଯାଏ। ଆମେ ଗୋଟିଏ କଥା ଜାଣି ରଖିବା ଉଚିତ ଯେ ଆମର ଅଧିକାଂଶ ନିରାଧାର ଆଶା ଗୁଡ଼ିକ ହିଁ ଭାଙ୍ଗି ପଡ଼ନ୍ତି, ଆଧାରଶୀଳ ଆଶା ନୁହେଁ। କାରଣ ସେ ଗୁଡ଼ିକ ବାସ୍ତବିକ ଜଟିଳ ପରିସ୍ଥିତିକୁ ସାମ୍ନା କରିପାରନ୍ତି ନାହିଁ। ଏହି ଜନ୍ମରେ ପାଇନଥିବା ସୁଖ, ଆସନ୍ତା ଜନ୍ମରେ ପାଇବାର ଆଶା କଣ ସତରେ ସମ୍ଭବ ? ଜୀବନକୁ ଶାନ୍ତିମୟ ସ୍ଥିରତା ଅର୍ପଣ କରିବା, ବିଶ୍ୱସନୀୟ ଆଶା ଦ୍ୱାରା ଉତ୍ସାହିତ କରିବା ପାଇଁ ବାସ୍ତବିକ ଜ୍ଞାନ ପ୍ରାପ୍ତ କରିବା ପ୍ରତ୍ୟେକ ମଣିଷର ଆବଶ୍ୟକ।

ବାଲ୍ମୀକି ନାୟକ
ବେଙ୍ଗାଲୁରୁ
ଭ୍ରାମ୍ୟଭାଷ କ୍ରମିକ ସଂଖ୍ୟା : +୯୧ ୯୪୮୨୦୧୬୨୬୦

# ENGLISH



# I am Life…!



Mourning

Is

A

Dead Man's

Song

I won't sing

I am Life

Lively, Fresh, blossomed!

I can fly

I have wings

I can feel

I have heart

I can see dream

I have eyes

I do murmur, flow

I do fly, flutter

I have wounds

Blood oozes out of my past!

Dr. Prahallad Satapathy

# Remember Me...!



Remember me
during the perennial cycles of seasons
when the Spring sweetens you
with its glorious fragrance
and your days are brightened by its colours.

Remember me
when the aroma of a half-soaked earth
spills over you
during the first rains of the season.
and you wish the aroma lingered
and lingered and lingered.

Remember me
when the monsoon lashes your rooftop
in a torrential chaos
and the rainbow peeps through
your open window
to sneak a look at you.

Remember me
when roses bloom in the valley
and throw you into a thorny thicket of nostalgia
also remember me
when smiling-jasmines cajole you
in their nocturnal sensuality.

Remember me
when the Autumn makes you gloomy
and the mellowed tears
trickle down your pale cheeks
together with the falling-leaves.

Remember me
when the smell of vegetation
of a rustic delta of the Mahanadi
takes over you
and the cuckoo of my village orchard
sings my ballad just for you.

Remember me
when you silently recite
my passionate musings
in the isolation of geography,
and in the loneliness of your heart
when me here languish in a solitary island cell
in a pathetic nostalgia.

Remember me
when the evening descends on the domes
and prayer is heard aloud
from the mosque, the church
and the temple.

Remember me
when I am dead and dissolved
and my frail body lifeless entombed
in a nameless graveyard
of the countryside.

Remember me... remember me...!!!

**Ramakanta Das**

# Autobiography of a Joker...!



I know the magic of unlocking the lips
Burdened with calculated smile
Mathematically designed as
one minus one is equal to zero.
I am the man of an unknown geography
Where the shadow speaks only in confidence
To the people I value.
I know the art of spying my shadow
In a redefined relationship with it.
The ground opens up and envelops each time
I walk with my shadow
Fighting a long battle throughout my life
Just only to lose it.
You feel the wanting of this unwanted being
Unrecognized from the beginning to the end.
My signature is on water escapes your eyes
But I am always there
Faithful to your presence.
Can the attachment of two lips measure
the depth of love?
You look at me but I look at myself.
No matter what you think about me
But it is my life to go
With the confidence of missing
the self from moment to moment.

**Dr. Sudhansu Dash**

# An Unbeaten Defeat...!



I could not enjoy
the hurried moments
of the morning
in the engrossing slowness
of the night,
couldn't make the flower
fly like a bird
couldn't be a bird
in the flower's eyes.
So what if I get a zero !
Just before and after
a sign of is equal to
there was faith and history
in which way,
which arguments or facts
I could have proved this
tell me please !
yes,I could have put
a question mark there
but is there not
a constitution of life ?
I had to build a bridge
of fearlessness
on the bubbles of my
fearing breaths,
but every circle
of every bubble
was built in the
elements of time,
and I had preserved there
my world,my life,my treasure.

**Dr. Sukanti Mohapatra**


47TH
BOSTON
CONVENTION
ଆମେରିକୀୟ ଓଡ଼ିଆ ସମାଜ

# Welcome

# to

# 47th OSA Convention

# 2016

New England Chapter (OSNE) of "The Odisha Society of The Americas" welcomes you to the 47th OSA Annual Convention. The convention is being held on July 1 - 3, 2016 at the Rhode Island Convention Center, Providence.

With the theme of "Transforming Odisha for a Better Tomorrow Through Partnership", this 3-Day event will feature iconic and inspirational speakers, world class entertainment, workshops and seminars to discuss innovative ideas for better healthcare and economic development of our fellow Odias back home, and delectable Odia cuisines.

Our mission is to connect our Odia friends and their families across North America and around the globe during this three-day event and beyond. As we embark upon this ambitious journey to host the convention and welcome you to New England for celebrating our culture and heritage, we fully recognize that our aspiration to make this convention a great success can only be achieved through collaboration, collective ownership, and shared responsibility with a spirit of solidarity. We invite you to partner with us by participating and sharing your ideas to make it a scintillating experience.

As the capital of Ocean State, Providence, RI is aptly called the Creative Capital of USA. It has been recognized as a top dining destination and an Arts Mecca.

It will be our unique pleasure and privilege to host you, your family and friends during the Convention. As we prepare to host this three-day long memorable event, we look forward to your generous support to make 47th OSA Annual Convention a grand success.



## ଋତୁରାଜ (Rituraj)

Rituraj Mohanty is the great singing talent of India born in Nimapada, Puri and the Winner of famous singing competition-show **Raw Star**. As a versatile successful play back singer, he has sang in Bollywood Movies such as Bhootnath Returns, Bangistan, Saheeb and Odia Album "To Bina", "Priya Re".

Who can forget the ever green folk song "Rangabati" with Sona Mohapatra in Coke Studio, Galiyyan in Raw Star Final, O Priya Re, Tu Mora Punei and Jag Me Sab Se Pyara songs in his voice.

The Night with Rituraj at 47th OSA Convention will be a memorable and enjoyable event for all ages.



## ପପୁ ପମ୍ ପମ୍ (Papu)

Tatwa Prakash Satapathy better known by his stage name **Papu Pom Pom**, is an Indian film, Television, Jatra actor, Standup Comedian and an Odisha Legislative Assembly candidate. Papu has acted over 15 Odia movies.

Papu is a multi-talented Odia Actor, who is trained in Hindustani vocalist. He moved from Kaptipada, Mayurbhanj to Bhubaneswar to pursue a career either in acting or singing.

Papu started his career with Radio Chokolate for self scripted laughter shows, which brought huge popularity to him and helped to make this his career as a stand up comedian. Later Papu joined Tarang TV for the comedy shows. He acted in the TV serials such as "Excuse Me Jaha Kahibi Sata Kahibi, "Phaltu Katha" and "Papu Beauty Parlour." which became quite popular. He had played 118 different characters in the comic serial "Excuse me" which earned him an instantaneous success; he crosses 250 characters he would apply for a Limca Book of Records.

The Night with Papu at 47th OSA Convention will fill your heart with laughter and fun for all ages.



## ନାଜିଆ (Nazia)

Nazia Alam (Daughter of legendary singer Sikandar Alam and Naima Alam) is a poplular classical, pop, ghazal and devotional genre singer.

It was a proud moment for all the people of Odisha, when Central Sangeet Natak Akademi announced the "Ustad Bismillah Khan Yuva Prativa Puraskar" (young talent award) for Odisha's Nazia Alam. For the first time, the award has gone to Odissi music which is struggling for a distinct identity at the national level and claiming the coveted classical status.

Nazia learned Odissi classical from her mother Naima Alam, who herself is a gifted singer and Nazia's first music teacher. Nazia's parent dream about their daughter be a popular singer like Nazia Hassan and hence had named their daughter after her.

Nazia took to music as a duck takes to water. Despite having an impressive academic record, Nazia chose to take up music as a career. A Sangeet Visharad in Hindustani classical vocal from Akhil Bharatiya Gandharva Mahavidyalaya Mandal, Mumbai, and a Sangeet Bhaskar degree holder in Odissi vocal, she is pursuing higher training in Hindustani music under Ustad Mashqoor Ali Khan Sahab of Kirana Gharana at ITC Sangeet Research Academy, Kolkata, and in Odissi music under Guru Keshab Chandra Rout in Bhubaneswar.

Nazia a regular performer on All India Radio and Doordarshan. Nazia, who was a finalist in *Saregama* competitions held by Zee TV, has sung at least 500 songs besides lending her voice for popular television serials like *Duhita, Bidhatara Khela,* and *Mu Tumaku Bhalapae*. She has cut nine albums in Oriya, Hindi and Bengali during the very short span of her career.

Like her father, who is revered in Odisha for his devotion to Lord Jagannath, Nazia has also won hearts as a singer of Bhajans and will definitely win our hearts by her mesmerizing voice and devotional songs on the 47th OSA Convention.



# Chhau Dance Group

**Chhau dance** is a genre of Indian tribal martial dance which is popular in the Indian states of Odisha, Jharkhand and West Bengal. There are three subgenres of the dance, based on its places of origin and development, Seraikella Chhau, Mayurbhanj Chhau and Purulia Chhau. This is also called paika nrutya.The word paika is derived from the Sanskrit word Padatika meaning the infantry, and hence the name of the dance is battle (paika) dance (nrutya).

The Chhau dance is mainly performed during regional festivals, especially the spring festival of Chaitra Parva which lasts for thirteen days and in which the whole community participates. The Chhau blends within it forms of both dance and martial practices employing mock combat techniques (called *khel*), stylized gaits of birds and animals (called*chalis* and *topkas*) and movements based on the chores of village housewives (called *uflis*). The dance is performed by male dancers from families of traditional artists or from local communities and is performed at night in an open space, called *akhada* or *asar*, to traditional and folk music, played on the reed pipes *mohuri* and shehnai. A variety of drums accompany the music ensemble including the dhol (a cylindrical drum), *dhumsa* (a large kettle drum) and *kharka* or *chad-chadi*. The themes for these dances include local legends, folklore and episodes from the Ramayana and Mahabharata and other abstract themes.

In the olden days the powerful Ganga and Gajapati rulers of Orissa extended their territory from the river Ganges in the north to the Godavari in the south with the help of a vast army of valiant Paikas. They were not in the regular payroll of the army, but received huge land grants from the kings and the chieftains. They formed the rank of a peasant-militia. Though agriculture was their main occupation they used to keep themselves prepared by regular practice and training in war techniques. During Dussera all the Akhadas celebrate their annual festival. In several prosperous villages display of traditional gymnastics, acrobatics and the dance by various village-groups are arranged on competitive basis. Each group participates with great enthusiasm. For all such displays, special grounds are prepared with soft earth sprinkled with oil and water.

We will enjoy the mock combat techniques of **Chhau Dance** on the evening of 47th OSA Convention.

Dear Fellow Members of the OSA Community:

Namaskar. It is our great pleasure to cordially invite you with family and friends to the 47th OSA Annual Convention to be held at Rhode Island Convention Center, Providence, RI during July 1st - 3rd, 2016. We request you to kindly take a moment to browse the convention web site:www.osa2016.org where you will find details about the convention.

Please note that the registration site is open and the early bird registration will end on February 29th. We encourage you to kindly look at the Facebook page or the web site to register and take advantage of the discounted rate. Also request you to kindly share the FC page with your friends.

Web -

http://osa2016.org/index.php/registration/registration-information/

FB -

https://m.facebook.com/osa2016.org

With warm Regards,

Convention Team


OSA
Our OSA...Our Odisha
© BHUNYASWORLD
ଆମେରିକୀୟ ଓଡ଼ିଆ ସମାଜ

# Newsmaker...!!!

# Lisa Mishra


**in**

## North America saregamapa Audition

**Dear friends,**

**As most of you know Lisa was selected for the Top 10 in the North America Saregamapa audition.**
**The contestants would then be going to India for the final showdown which for now is delayed due to scheduling conflicts.**

**Below is a picture of Lisa at the audition with Wajid, one of the judges at the NJ audition.**
**Hope you will enjoy this.**
**Thanks--Salil**



# Dear All,

# Namaste…!

**This our UTKARSA for all of us.**

**We are sorry for unintentional delay of the publication of this issue.**

**Please send us your write up (TYPED) for the coming June 2016 issue as soon as possible to help us to release the forthcoming issue in time.**

**( Please send your Odia write ups typed with Akruti, Sreelipi or Aprant. If you are using other software for the same please confirm the same before sending article. )**

## For June (Summer)Edition of UTKARSA

## Please send your write ups by

## Monday, June 20, 2016

**Please let us know any errata in the issue so that we correct and edit the digital version.**

**Your constructive comments are always welcome and yes,**

**Please let us know few words about the current issue.**

Thank You All

For sharing your write ups for the Sachi Routray centennial edition without whose help this edition would not be possible. My heartfelt gratitude goes to Shri Harsha Routray and Chitra Routray who rendered ample data for the edtion….!

Editors

editors@odishasociety.org

